# ବିପଦ ସଙ୍କେତ ଉପରେ ବୈତରଣୀ

## ଦଶରଥପୁର ତଳିଆ ଅଞ୍ଚଳର ଲୋକେ ଆତଙ୍କିତ

ଝୁମ୍ପୁରୀ, ୧୭।୯ (ସରୋଜ ନାୟକ):

ଦଶରଥପୁର ବ୍ଲକ୍ ଦେଇ ପ୍ରବାହିତ ବୈତରଣୀ ଓ କାଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଛି। ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ଦଶରଥପୁରଠାରେ ବିପଦସଙ୍କେତର ୩ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଛି। ଫଳରେ ବୈତରଣୀର ଶାଖା କାଣୀ ନଦୀରେ ପ୍ରବଳ ବେଗରେ ବନ୍ୟାଜଳ ପ୍ରବେଶ କରିଛି। ଏହି ଦୁଇ ନଦୀର ବନ୍ୟାଜଳ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ବ୍ଲକ୍‌ର ତଳିଆ ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ଲକ୍‌ସ୍ଥ କସପା, ମଲ୍ଲିକାପୁର, ଦୁଦୁରାଅଣ୍ଟା, ଦଣ୍ଡପୁର, ନିଜାମପୁର, କୟାଁ, କମାରଡ଼ିହ, ଖାନନଗର, ଦଶରଥପୁର, କଟିକଟା ପ୍ରଭୃତି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଦଶରଥପୁର ପଞ୍ଚାୟତସ୍ଥ ଜୟନ୍ତରା ମହାପାତ୍ର ସାହି ଓ କଟିକଟା ପଞ୍ଚାୟତସ୍ଥ ତରେଇ ସାହିରେ ପାଣି ପଶିଛି। ବନ୍ୟାଜଳ ଆହୁରି ବୃଦ୍ଧି ପାଇବାର ଖବର ଜଣାପଡ଼ିଥିବାରୁ ପରିସ୍ଥିତି ଗମ୍ଭୀର ହେବାର ଜଣାପଡ଼ିଛି।


ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।

## ସଂକ୍ଷେପରେ

### କୁଆଁସ ମା'ମଙ୍ଗଳାଙ୍କ ପୀଠରେ ମଙ୍ଗଳା ଓଷା



ଝୁମ୍ପୁରୀ, ୧୭।୯ (ସରୋଜ ନାୟକ):

ଦଶରଥପୁର ବ୍ଲକ୍ ଡାହାଣହତା ପଞ୍ଚାୟତସ୍ଥ ମା' କୁଆଁସ ମଙ୍ଗଳାଙ୍କ ପୀଠରେ ମଙ୍ଗଳା ଓଷା ପାଳିତ ହୋଇଛି। ଏହି ପୀଠରେ ଯାଜପୁର ଜିଲା ବିଞ୍ଝାରପୁର, ଦଶରଥପୁର, ବରୀ ସମେତ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ବହୁ ମହିଳା ଏହି ପୀଠକୁ ଆସି ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କ ପୀଠରେ ଗୁଆ, ନଡ଼ିଆ, ପଇସା ବସାଇବା ସହ ପାଦୁକା ସେବନ କରି ବ୍ରତକୁ ପୂର୍ଣ୍ଣାଙ୍ଗ କରିଛନ୍ତି। ଭିଡ଼କୁ ଦେଖି ମଙ୍ଗଳା ଉନ୍ନୟନ ପରିଷଦ ସଭାପତି ଅଜୟ କୁମାର ମହାନ୍ତି ଓ ଦଶରଥପୁର ପୋଲିସ ପକ୍ଷରୁ ଶୃଙ୍ଖଳାରେ ଦର୍ଶନ ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ, ୧୭।୯ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧୀନ ଗୁକୁଟିପାଟ ଗ୍ରାମରେ ବିଷପିଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଦୁଃଶାସନ ରାଉତରାୟଙ୍କ ପୁଅ ବିଶ୍ୱରଞ୍ଜନ ରାଉତରାୟ (୨୮)। ସୋମବାର ସେ ବିଷ ପିଇବା ପରେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଯୁବତୀଙ୍କୁ କଟୁରିରେ ଆକ୍ରମଣ

ସୋର, ୧୭।୯ (ଜନ୍ମେଜୟ ମିଶ୍ର)

ସୋର ବ୍ଲକ ତଳନଗର ପଞ୍ଚାୟତ ହାବେଳୀ ଗଣ୍ଡତରା ଗ୍ରାମରେ ଜଣେ ଯୁବତୀଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ବଳାତ୍କାର ଉଦ୍ୟମ କରୁଥିବା ବେଳେ ଯୁବତୀ ଜଣଙ୍କ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ଯୁବକଜଣଙ୍କ ତାଙ୍କୁ ଏକ କଟୁରୀରେ ଆକ୍ରମଣ କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏହି ଗ୍ରାମର ଯୁବକଜଣକ ବିଦେଶରେ ରହୁଥିବା ବେଳେ ମଙ୍ଗଳବାର ଘରକୁ ଫେରିଥିଲେ। ଏହି ସମୟରେ ଘରେ କେହି ନ ଥିବା ସୁଯୋଗ ନେଇ ତାଙ୍କ ଦାଦା ଝିଅ ଭଉଣୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସେ ଖସିବାକୁ ଉଦ୍ୟମ କରିବା ସମୟରେ ଯୁବକଜଣକ ଏକ କଟୁରିରେ ତାଙ୍କ ହାତକୁ ହାଣି ଫେରାର ହୋଇଯାଇଥିଲେ। ଫଳରେ ଯୁବତୀ ଜଣଙ୍କ ଗୁରୁତର ଆହତ ହୋଇ ଚିତ୍କାର କରିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଯୁବତୀଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।


ସମ୍ଭାବ୍ୟ ବନ୍ୟା ପରିସ୍ଥିତି ନେଇ ଜିଲାପାଳ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ପ୍ରୀତିପୁର, ୧୭।୯ (ସୁଶାନ୍ତ ବେହୁରିଆ):

ରାଜ୍ୟରେ ଲଘୁଚାପଜନିତ ବର୍ଷା ପ୍ରଭାବରେ ବୈତରଣୀ ନଦୀର ଜଳସ୍ତର ହଠାତ ବୃଦ୍ଧି ପାଇବା ଫଳରେ ଦଶରଥପୁର ବ୍ଲକର ନଦୀକୂଳବାସିନ୍ଦା ଆତଙ୍କିତ ହୋଇପଡିଛନ୍ତି। ବୈତରଣୀ ନଦୀର ବିପଦସଂକେତ ଆଖୁଆପଦାଠାରେ ୧୮.୩୩ ମିଟର ହୋଇଥିବାବେଳେ ମଙ୍ଗଳବାର ସକାଳେ ନଦୀର ଜଳସ୍ତର ୧୮.୧୫ ମିଟର ରହିଥିଲା। ମାତ୍ର ସନ୍ଧ୍ୟାରେ ନଦୀର ଜଳସ୍ତର ସାମାନ୍ୟ ହ୍ରାସ ପାଇଛି ବୋଲି ବିଭାଗୀୟ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ବ୍ଲକ ଅଞ୍ଚଳରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଅପରାହ୍ଣରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ବିଡିଓ ଆକାଶ ପଟ୍ଟନାୟକ, କସପା ପଞ୍ଚାୟତର ପଚ୍ଛପଡ଼ା ଓ ଦୁଦୁରାଅଣ୍ଟା ପଞ୍ଚାୟତର କଣ୍ଟପଡାଠାରେ କାଣୀ ନଦୀର ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ସମୟରେ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଯାଜପୁର ଲାୟନ୍ସ କ୍ଲବ କାର୍ଯ୍ୟାଳୟ ଉଦ୍‌ଘାଟିତ

ଯାଜପୁର, ୧୭।୯ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହରର ଗାନ୍ଧୀଛକଠାରେ ଲାୟନ୍ସ କ୍ଲବ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବର ସଭାପତି ସମର ବିଜୟ ଶରଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ବିଭିନ୍ନ କାର୍ଯ୍ୟଧାରା ଯଥା ସ୍ୱାସ୍ଥ୍ୟ ସୁରକ୍ଷା, ରକ୍ତଦାନ ଶିବିର ଓ ଶିଶୁରୋଗ ପାଇଁ ସଚେତନତା ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ କର୍ଣ୍ଣାଟ କେଶରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟର ଗୃହଟିକୁ କ୍ଲବର ସଦସ୍ୟ ସେକ ଅବଦୁଲ ସାଜିଦ (ଚାନ୍ଦ ବାବୁ) ଦେଇଥିବାରୁ ଧନ୍ୟବାଦ ଦେଇଥିଲେ। ଏଥିସହ ଗରିବ, ଅସହାୟ ଓ ଅବହେଳିତ ଜନସାଧାରଣଙ୍କ ପାଖରେ କ୍ଲବର ସଦସ୍ୟମାନେ ପହଞ୍ଚି ତାଙ୍କର ସେବା ଓ ସମସ୍ୟାର ସମାଧାନ କରିବା କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କ୍ଲବର ଉପସଭାପତି ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ମନୋଜ କୁମାର ସେନାପତି, ଜିଲା ଗଭର୍ନର ପ୍ରଲୁବ୍ଧ ଜେନା, ପୂର୍ବତନ ଜିଲା ଗଭର୍ନର ପ୍ରକାଶ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲାୟନ୍ସ କ୍ଲବର ବିଭିନ୍ନ କାର୍ଯ୍ୟାଧାରା ଉପରେ ଆଲୋକପାତ କରିଥିଲେ। ପ୍ରିୟଙ୍କା ସାହାଣୀ, ନିରଞ୍ଜନ ସାହୁ ଓ ଅମର ମିଶ୍ର ନୂତନ ଭାବେ କ୍ଲବରେ ଯୋଗଦେଇଥିଲେ। ମେଣ୍ଟର ଶୁଭ୍ରକାନ୍ତ ନାୟକ, ରିଜିୟନ ଚେୟାରମ୍ୟାନ ପ୍ରଭାତ ଧଳ, ଜୋନ୍ ଚେୟାରମ୍ୟାନ ଅଶୋକ କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଲାୟନ୍ସ କ୍ଲବ ପକ୍ଷରୁ ବରିଷ୍ଠ ଶିକ୍ଷକ ନିରଞ୍ଜନ ସାହୁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର ସମ୍ପାଦକ ଅପରାଜେୟ ପଣ୍ଡା ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ସଦସ୍ୟ ପ୍ରଶାନ୍ତ ବିଶ୍ୱାଳ, ବିକ୍ରମ ରାଉତରାୟ, ସୁଜିତ ମନୋହର ସ୍ୱାଇଁ, ଲଳିତେନ୍ଦୁ ଦାସ, ତାପସ ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ବିକ୍ରମ ସାମଲ, କ୍ଷୀରୋଦ ଦାସ, ସୟେଦ ଅଲି, ବିରଜା ପ୍ରଧାନ ପ୍ରମୁଖ ସଭା ଆୟୋଜନରେ ସହଯୋଗ କରିଥଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଗୋରୁ ଚରାଇବାକୁ ଯାଇ ନିଖୋଜ ଥିଲେ, ମିଳିଲା ମୃତଦେହ

ରାମଚନ୍ଦ୍ରପୁର, ୧୭।୯ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଅଧୀନ ବାତୋ ପଞ୍ଚାୟତ କରଡ଼ାପାଳ ଗ୍ରାମ ଗୋଡ଼ିଉପର ସାହିର ଜଣେ ବୃଦ୍ଧ ସୋମବାର ଗାଈ ଚରାଇବାକୁ ଯାଇ ନିଖୋଜ ଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ମିଳିଛି। ମୃତକ ହେଲେ ଗ୍ରାମର ମୀନହରି ପରିଡ଼ା(୬୮)। ସୂଚନା ଅନୁଯାୟୀ, ସେ ଗାଈ ଚରାଇବାକୁ କୁସେଇ ନଦୀ ପାର୍ ହୋଇ ଯାଇଥିଲେ। ଅପରାହ୍ଣରେ ଗାଈ ଫେରି ଆସିଥିବା ବେଳେ ସେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ପରିବାର ପକ୍ଷରୁ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ମଙ୍ଗଳବାର ସକାଳୁ ପାଇକଚାତ୍ରା ଗ୍ରାମ ନିକଟରେ ମୀନହରିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୪) ରୁଜୁ କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ବଜ୍ରପାତରେ ମୀନହରିଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଆର୍‌ଆଇ କାର୍ଯ୍ୟାଳୟରୁ ଚୋରି

ପାଟଣା, ୧୭।୯ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ମଲାରପଦା ଆର୍‌ଆଇ କାର୍ଯ୍ୟାଳୟରୁ ସୋମବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ଅଫିସ ଗୃହ ତାଲା ଭାଙ୍ଗି ଏକ ବ୍ୟାଟେରି ଓ ୟୁପିଏସ୍ ଚୋରି କରି ନେଇଥିବା ଆର୍‌ଆଇ ଶୁଭଶ୍ରୀ ମୁର୍ମୁ ମଙ୍ଗଳବାର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସ୍‌ଆଇ ଅନୁସୟା ସେଠୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୨୬୧/୨୪) ରୁଜୁ ହୋଇଛି।

# ପାଣିକୋଇଲି ମହାବିଦ୍ୟାଳୟରେ ସୁଭଦ୍ରା ସଚେତନତା

ପାଣିକୋଇଲି, ୧୭।୯ (ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ଘରେଘରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରଥମେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ରଙ୍ଗୋଲି, ଫଟୋଗ୍ରାଫି ପ୍ରତିଯୋଗିତା କରାଯାଇଥିଲା। ସଭାରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା କିପରି ସଶକ୍ତୀକରଣ ହୋଇପାରିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଅତିଥି ଭାବେ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ପ୍ରାର୍ଥସାରଥି ବିଶ୍ୱାଳ, ଅଧ୍ୟାପକ ସମରେନ୍ଦ୍ର ଦାସ, ପାର୍ବତୀ ନାଥ, ସଂଗୀତା ନନ୍ଦ, ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇଲେ। ଅଜିତ ଜେନା, ସତ୍ୟବ୍ରତ ଦାସ, ସନ୍ତୋଷ କୁମାର ଦାସ, ଶୁଭକାନ୍ତ ପାତ୍ର, ରଶ୍ମିତା ଧଳ, କଳ୍ପନା ପଣ୍ଡା, ରଶ୍ମିରଞ୍ଜନ ମହାପାତ୍ର, ଅଲେଖ ପ୍ରସାଦ ସାହୁ, ସ୍ୱାଗତିକା ପାତ୍ର, ସସ୍ମିତା ଦାସ, ପ୍ରମୋଦ ମିଶ୍ର, ରଶେମଶ ମହାକୁଡ, ବିପିନ ବିହାରୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ଅଭିଲିପ୍ସା ମହାରଣା, ଐଶ୍ୱର୍ଯ୍ୟାରାଣୀ ମହାପାତ୍ର, ରେଶମା ମଲ୍ଲିକ, ଚିତ୍ରାଙ୍କନରେ ସାଗର କୁମାର ସାହୁ, ସାଇଶଙ୍କର ବାରିକ, ଶୁଭଲକ୍ଷ୍ମୀ ପାତ୍ର, ବକ୍ତୃତାରେ ସସ୍ମିତା ସାହୁ, ସାଇ ଶଙ୍କର ବାରିକ, ଶୁଭସ୍ମିତା ସାହୁ, ପ୍ରବନ୍ଧରେ ଶତାବ୍ଦୀ ସ୍ମରଣିକା ସ୍ୱାଇଁ, ବେଦମାତା ଗାୟତ୍ରୀ ସାହୁ, ସସ୍ମିତା ସାହୁ ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଦେଇଥିଲେ।

# ବଡ଼ଚଣା ଉତ୍କଳ ଯାଦବ ମହାସଭା କର୍ମକର୍ତ୍ତାଙ୍କ ବୈଠକ


ବୈଠକରେ ଉତ୍କଳ ଯାଦବ ମହାସଂଘର କର୍ମକର୍ତ୍ତା।

ବଡ଼ଚଣା, ୧୭।୯ (ଦିଲୀପ କୁମାର ମହାନ୍ତି):

ବଡ଼ଚଣାଠାରେ ଉତ୍କଳ ଯାଦବ ମହାସଭାର ଜିଲା ଓ ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କ ଏକ ବୈଠକ ଜିଲା ସଭାପତି ଗଣେଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣାରେ ଉତ୍କଳ ଯାଦବ ଭାଇମାନଙ୍କୁ କେତେକ ବ୍ୟକ୍ତି ଭୁଲ ବାଟରେ ନେଇ ଯାଦବ ସମ୍ପ୍ରଦାୟ ଭିତରେ ବିବାଦ ସୃଷ୍ଟି କରୁଛନ୍ତି। ଫଳରେ ଯାଦବ ସମ୍ପ୍ରଦାୟ ଲୋକେ ବିଭିନ୍ନ ସ୍ଥାନରେ ନିର୍ଯାତିତ ହେବାସହ ଅଲଗା ସମ୍ପ୍ରଦାୟ ଲୋକଙ୍କ ରୋଷର ଶିକାର ହେଉଛନ୍ତି। ତେଣୁ ଜାତି ଭିତରେ ବିବାଦ ସୃଷ୍ଟି ନ କରି ଏକତା ହୋଇ ଜାତିକୁ ଆଗେଇ ନେବାକୁ କର୍ମକର୍ତ୍ତା ମତ ଦେଇଛନ୍ତି। ଏଥିରେ ଜିଲା ସମ୍ପାଦକ ମୁକୁନ୍ଦ ପ୍ରସାଦ ଦାସ, ଉପଦେଷ୍ଟା ବିଜୟ କୁମାର ଦାସ, ବିଜୟ ପାଲ ଯାଦବ, ଉପସଭାପତି ଭରତ ଚନ୍ଦ୍ର ଦାସ, ବଡ଼ଚଣା ବ୍ଲକ ଯାଦବ ସଭାପତି ଅଜୟ କୁମାର ଦାସ, ସମ୍ପାଦକ ପ୍ରତାପ କୁମାର ଦାସ, ସାମାଜିକ କର୍ମୀ ଇଂ. ବିଜୟ କୁମାର ଦାସ, ଉପଦେଷ୍ଟା ବଟକୃଷ୍ଣ ଦାସ, ଯୁବ ସଭାପତି ଅଜିତ କୁମାର ବେହେରା, ଯୋଗେନ୍ଦ୍ର ନାୟକ, ମାଣ୍ଡୁକା ଗ୍ରାମର ବଳରାମ ଦାସ, ପ୍ରଶାନ୍ତ କୁମାର ଦାସ, ଅମର କୁମାର ପରିଡ଼ା, ତୈଳକ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଯାଦବମାନେ ଏକ ହୋଇ ସମସ୍ତ କାର୍ଯ୍ୟକ୍ରମ କରିବା ପାଇଁ ନିବେଦନ କରିଛନ୍ତି।

# ଦଶରଥପୁରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ


ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ।

ଝୁମ୍ପୁରୀ, ୧୭।୯ (ସରୋଜ ନାୟକ):

ଦଶରଥପୁର ବ୍ଲକ୍‌ରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଯୋଜନାର ପ୍ରଚାରପ୍ରସାର ନିମନ୍ତେ ବ୍ୟାପକ ଆୟୋଜନ କରାଯାଇଥିଲା। ତହସିଲ ଅଫିସ୍ ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ୫ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଲଇଡି ଟିଭି ମାଧ୍ୟମରେ ଉପସ୍ଥିତ ମହିଳାମାନଙ୍କୁ ପ୍ରଶାସନ ଦେଖାଇଥିବାର ବ୍ୟବସ୍ଥା କରିଥିଲା। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ପ୍ରୟାସ କରିଥିଲେ। ବିଡିଓ ଆକାଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ବ୍ଲକ୍ ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ସମସ୍ତ କନିଷ୍ଠ ଯନ୍ତ୍ରୀ, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ତଳିହା ସରପଞ୍ଚ ରଞ୍ଜିତା ଜେନା, ବ୍ଲକ୍ ସ୍ୱୟଂ ସହାୟିକା ଗୋଷ୍ଠୀ ମୁଖିଆ ମିନତି ସାମଲ, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାଙ୍କ ସହ ବ୍ଲକ୍‌ର ସମସ୍ତ କର୍ମଚାରୀ ଓ ସାଧାରଣ ଲୋକେ ସାମିଲ ହୋଇଥିଲେ।

# ଜାତିଗତ ଆକ୍ଷେପ, ଆକ୍ରମଣ ଘଟଣାରେ ପୋଲିସର ପକ୍ଷପାତିତା

ପାଣିକୋଇଲି, ୧୭।୯ (ବିକାଶ ମଲ୍ଲିକ):

ଗଣେଶ ଭସାଣି ବେଳେ ଜାତିଗତ ଆକ୍ଷେପ ଓ ଆକ୍ରମଣ ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ପକ୍ଷପାତିତା କରି ମାମଲା ରୁଜୁ କରୁନାହିଁ। ମୂଳ ନିବାସୀ ୟୁନାଇଟେଡ ଫୋରମର ରାଜ୍ୟ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପାଣିକୋଇଲିସ୍ଥିତ ଯାଜପୁର ପୋଲିସ ମୁଖ୍ୟାଳୟରେ ପହଞ୍ଚି ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲଙ୍କ ନିକଟରେ ଏଭଳି ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଛନ୍ତି।

ବାଲିଚନ୍ଦ୍ରପୁର ଥାନା ରାମଦାସପୁର ଗ୍ରାମର ଭିକାରି ମଲ୍ଲିକଙ୍କ ଅଭିଯୋଗ ମୁତାବକ, ଗତ ୧୩ ତାରିଖରେ ଗ୍ରାମରେ ଗଣେଶ ମେଢ଼ ଭସାଣି ଚାଲିଥିବାବେଳେ ତାଙ୍କ ଗ୍ରାମର ସବର୍ଣ୍ଣ ସମ୍ପ୍ରଦାୟର ଫକୀର ସେନାପତି, ଜ୍ଞାନରଞ୍ଜନ ସେନାପତି, ଗୀତ ରଞ୍ଜନ ସେନାପତି, ଚୁଇଁଆ ସେନାପତି, ଭୁଇଆଁ ସେନାପତି, ବିଦିଆ ସେନାପତି ପ୍ରମୁଖ ପହଞ୍ଚି ଆମ ଗାଁ ବାଟେ କାହିଁକି ଶୋଭାଯାତ୍ରା କରୁଛ କହି ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ ଓ ଆକ୍ରମଣ କରିଥିଲେ। ଏନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରାଯାଇଥିଲେ ବି ପୋଲିସ ନ୍ୟାୟ ଦେବାରେ ବିଫଳ ହୋଇଛି ବୋଲି ସେ ଦର୍ଶାଇଛନ୍ତି। ଉମାକାନ୍ତ ମଲିକ, ବିଶ୍ୱରଞ୍ଜନ ଜେନା, ଜଗବନ୍ଧୁ ମଲିକ, ମାନସ ରଞ୍ଜନ ମଲିକ, ଭିକାରି ମଲିକ, ବଳରାମ ମଲିକ, ଶଶିକାନ୍ତ ମଲିକ ପ୍ରମୁଖ ଏସ୍‌ପିଙ୍କୁ ଭେଟିଛନ୍ତି।



# ଯାଜପୁରରେ ଜନସମାବେଶ, ବିକାଶ ମେଳା ପ୍ରସ୍ତୁତି

ଯାଜପୁର ଟାଉନ, ୧୭।୯
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ଆସନ୍ତା ୨୦ ତାରିଖରେ କୁସୁମା ସମ୍ମୁଖ ପଡିଆରେ ଜନସମାବେଶ ଓ ବିକାଶ ମେଳା ଆୟୋଜିତ ହେବ। ଏନେଇ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମରେ ରୂପରେଖ ନିର୍ଦ୍ଧାରଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉଦଘାଟନୀ ଦିବସରେ ୬ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହେବାର ନିର୍ଦ୍ଧାରଣ କରାଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ବିକାଶ ମେଳାରେ ପ୍ରତିଦିନ ଆକର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ଏହି ବିକାଶ ମେଳା ପ୍ରଦର୍ଶନୀରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ମହିଳା ଓ ଶିଶୁ ବିକାଶ, ଶିକ୍ଷା, ପର୍ଯ୍ୟଟନ, ପଞ୍ଚାୟତିରାଜ, ଭିନ୍ନକ୍ଷମ ସଶକ୍ତୀକରଣ, ଏମ୍‌ଏସ୍‌ଏମଇ, ହ୍ୟାଣ୍ଡଲୁମ, ମିଶନ ଶକ୍ତି, ହାଣ୍ଡିକ୍ରାଫ୍ଟ ବିଭାଗର ୫୦ ଷ୍ଟଲ କରାଯିବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବହୁବିଧ କଲ୍ୟାଣକାରୀ ଦିଗଗୁଡିକ ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ସରକାରଙ୍କୁ ଲୋକଙ୍କ ନିକଟତର କରିବା ଦିଗରେ ଏହି ମେଳା ବିଶେଷ ସହାୟକ ହେବ ବୋଲି କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# ସୁଭଦ୍ରା ଯୋଜନା ପାଇଁ ଜଗତ୍‌ସିଂହପୁର ଉତ୍ସବମୁଖର

ଜଗତ୍‌ସିଂହପୁର, ୧୭।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ସମାରୋହ ଏବଂ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ. ସୋନାଲ ପୌରୋହିତ୍ୟ କରିଥିଲେ। ଉତ୍ସବରେ ସୁଭଦ୍ରା ହିତାଧିକାରୀଙ୍କ ପ୍ରଥମ ସହାୟତା ରାଶି ପ୍ରଦାନ ନିମନ୍ତେ ସୁଭଦ୍ରା ମେଗା ଲଞ୍ଚିଂ କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଦିବସର ଗୁରୁତ୍ୱ ବିଷୟରେ ବଖାଣିଥିଲେ। ସେ କହିଥିଲେ, ରାଜ୍ୟ ତଥା ଜଗତ୍‌ସିଂହପୁର ଜିଲା ଉତ୍ସବମୁଖର ହୋଇପଡିଛି। ଆଗାମୀ ଦିନରେ ଏକ କୋଟିରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଫଳରେ ଓଡ଼ିଶାର ନାରୀମାନେ ସ୍ୱାବଲମ୍ବୀ ଓ ସ୍ୱରୋଜଗାରକ୍ଷମ ହୋଇପାରିବେ ବୋଲି ବିଧାୟକ ଦାସ କହିଥିଲେ। ନିଜ କର୍ମରେ ସ୍ୱଚ୍ଛତା ଆଣିବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ଅନୁରୂପ ମତ ରଖିଥିଲେ। ଏହା ପରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦି ଜନତା ମଇଦାନରୁ ସିଧା ପ୍ରସାରଣ ହୋଇଥିଲା। ସ୍ଥାନୀୟ ଲୋକ ପ୍ରତିନିଧି, ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠି ମହିଳା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତି ବ୍ଲକରୁ ସୁଭଦ୍ରା ହିତାଧିକାରୀଙ୍କୁ ସମ୍ମାନିତ କରାଯିବା ସହ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଗୃହ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ଆଦେଶ ପତ୍ର ବଣ୍ଟନ କରାଯାଇଥିଲା। ଏଥିସହ ସ୍ୱଚ୍ଛ ଓ ସୁନ୍ଦର ଜଗତ୍‌ସିଂହପୁର ଗଠନ ପାଇଁ ସମସ୍ତେ ସ୍ୱଚ୍ଛତାର ଶପଥ ପାଠ କରିଥିଲେ। ଏହି ଅବସରରେ ଜିଲାର ୩ ଜଣ ହିତାଧିକାରୀ ଯଥା ନମିତା ସାହୁ, ବବିତା ଦାସ ଓ ସୀମା ଘଡ଼େଇଙ୍କୁ ଜିଲାପାଳ ୫ ହଜାର ଟଙ୍କା ଲେଖାଏଁ ଡମି ଚେକ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଓ ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋୟୀ ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଗୋପବନ୍ଧୁ ନଗର ଉଦ୍ୟାନଠାରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏକ ପେଡ୍ ମା' କେ ନାମ ଅଭିଯାନ ଅନ୍ତର୍ଗତ ଚାରାରୋପଣ କରାଯାଇଥିଲା। ପରେ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ, ଜିଲାପାଳ ତଥା ଅନ୍ୟ ସମ୍ମାନିତ ଅତିଥିମାନେ ପତାକା ଦେଖାଇ ସ୍ୱଚ୍ଛତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜଗତ୍‌ସିଂହପୁର ପୌର ପରିଷଦର ସମସ୍ତ ୱାର୍ଡ ବୁଲି ସ୍ୱଚ୍ଛତା ହିଁ ସେବା ବିଷୟରେ ସଚେତନ କରାଇବ। ପ୍ରକାଶଥାଉ କି, ଜଗତ୍‌ସିଂହପୁର ଜିଲାରେ ଏପର୍ଯ୍ୟନ୍ତ ୨,୩୧,୨୭୨ ଜଣ ସୁଭଦ୍ରା ଯୋଜନାରେ ପଞ୍ଜୀକୃତ ହୋଇସାରିଲେଣି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସହରର ବୁଦ୍ଧିଜୀବୀ, ଆଇନଜିବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଉପସ୍ଥିତ ଥିଲେ।


ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

**ସୁଭଦ୍ରା ହିତାଧିକାରୀ ସମ୍ମାନିତ, ପିଏମ୍ଏୱାଇ ଆଦେଶପତ୍ର ପ୍ରଦାନ**

# ୨୦ରେ ବିକ୍ଷୋଭ କରିବ ବିଜେଡି


ପ୍ରସ୍ତୁତି ବୈଠକରେ ବିଜେଡି ନେତୃମଣ୍ଡଳୀ ଏବଂ କର୍ମୀମାନେ।

କୁଜଙ୍ଗ, ୧୭।୯ (ମନୋଜ ପ୍ରଧାନ)

**ବ୍ଲକ୍ ସମ୍ମିଳନୀ କକ୍ଷରେ ଗଣ୍ଡଗୋଳ ଘଟଣା**

■ ପୋଲିସ ଉଦାସୀନତାକୁ ବିରୋଧ

କୁଜଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ସେପ୍ଟେମ୍ବର ୧୩ରେ ଘଟିଥିବା ଗଣ୍ଡଗୋଳରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଉଦାସୀନ ମନୋଭାବ ପୋଷଣ କରୁଛି। ଏନେଇ ବିଜେଡି ପକ୍ଷରୁ ଆସନ୍ତା ୨୦ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ । ଏ ସମ୍ପର୍କରେ ମଙ୍ଗଳବାର ସନ୍ଧ୍ୟାରେ ଷଣ୍ଢପୁରସ୍ଥିତ ଜନସମ୍ପର୍କ କାର୍ଯ୍ୟାଳୟରେ ବିଜେଡି ନେତା ବାପି ସର୍ଖେଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ଏହି ଅବସରରେ ୧୩ ତାରିଖ ଘଟଣାକୁ ନିନ୍ଦା କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ଦଳର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ପ୍ରତାପ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବିଧାୟକ ଶାରଦା ପ୍ରସନ୍ନ ଜେନା, ବିଧାୟକ ରମାକାନ୍ତ ଭୋଇ, ବିଜେଡି ନେତା ବାପି ସାର୍ଖେଲ, ସମ୍ବିତ ରାଉତରାୟ, ରାଜଶ୍ରୀ ମଲ୍ଲିକ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦିପା ସାର୍ଖେଲ, ଗୀତାଞ୍ଜଳି ରାଉତରାୟ ପ୍ରମୁଖ ଯୋଗଦେବେ ବୋଲି ଜିଲା ଉପସଭାପତି ପୀତାମ୍ବର ତରାଇ କହିଛନ୍ତି। ଏହି ବୈଠକରେ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା, କାର୍ଯକାରୀ ସଭାପତି ସୁଢ଼ଳ ସ୍ୱାଇଁ, ପ୍ରଫୁଲ୍ଲ ପରିଡ଼ା, ସୁରେନ୍ଦ୍ରନାଥ ସ୍ୱାଇଁ, ରଘୁନାଥ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ଅଗ୍ନିଶମ ବିଭାଗରେ ସୁନାମ ଆଣିଥିଲେ ମାଧବ

ଜଗତ୍‌ସିଂହପୁର, ୧୭।୯ (ପ୍ରମୋଦ କୁମାର ନାୟକ)

**ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ କର୍ମଚାରୀଙ୍କ ବିୟୋଗ**

ଜଗତ୍‌ସିଂହପୁର ଜିଲା ସୀମାନ୍ତ ତଥା କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ଶାସନପଦା ଗ୍ରାମର ମାଧବ ଚନ୍ଦ୍ରବଡୁ ଅଗ୍ନିଶମ ବାହିନୀର ଜଣେ ସ୍ୱନାମଧନ୍ୟ କର୍ମଚାରୀ ଥିଲେ। ଯେଉଁ କାରଣରୁ ତାଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଥିଲେ, ଅବସର ପରେ ମଧ୍ୟ ସେ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମାଧବଙ୍କ ବାସଭବନରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭାର ଆୟୋଜନ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ନାୟକ ପୌରୋହିତ୍ୟ କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ନିଆଳି ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲିକ, ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, କଟକ ଭାଜପା ନଗର ସଭାପତି ଲଲାଟେନ୍ଦୁ ବଡୁ, ଓଡ଼ିଶା ହାଇକୋର୍ଟ ଓକିଲ ସଂଘ ଉପସଭାପତି ମିଲନ ବଡୁ, ପୂର୍ବତନ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନିରଞ୍ଜନ ବେହୁରା, ନିଆଳି ବ୍ଲକ ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, କଟକ ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ଶିକ୍ଷକ ନେତା ରମାକାନ୍ତ ସ୍ୱାଇଁ, ନିଆଳି ବ୍ଲକ ଜିଲାପରିଷଦ ୧୯ ନଂ.ଜୋନ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ୨୧ନଂ. ଜୋନ ସଭ୍ୟ ସୌଦାମିନୀ ମହାପାତ୍ର, ୨୦ନଂ. ଜୋନ ପୂର୍ବତନ ଜିଲା ପରିଷଦ ସଭ୍ୟ ଅତୁଲ୍ୟ ଜେନା ଓ ପୂର୍ବତନ ଆମ୍ବା ଅଧ୍ୟକ୍ଷ ଆଦିତ୍ୟ ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଗଡ଼ାଇଲୋ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ମଲ୍ଲିକ, ଏକବେରୁଆଁ ପୂର୍ବତନ ସମିତି ସଭ୍ୟ ସଂଗ୍ରାମ ବଡୁ, ସରପଞ୍ଚ ପ୍ରଶାନ୍ତ ସ୍ୱାଇଁ, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି, କସର୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ, ଶାସନପଦା ହାଇସ୍କୁଲ ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ଦାସ, ସାମାଜିକ କର୍ମୀ ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ଦିବସରେ ଅସ୍ୱାସ୍ଥ୍ୟକର ପରିବେଶ


ଅଲଣାହାଟ ଖେଳପଡ଼ିଆର ବିଭିନ୍ନ ସ୍ଥାନରେ ପାଣିବୋତଲ, ଖଇବା ପତ୍ର ପଡିଛି।

ନାଉଗାଁ, ୧୭।୯ (ସୁଧା ବେହୁରା)

**ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ**

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ଖେଳପଡ଼ିଆ ପରିସରରେ ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମହିଳାମାନେ ସେଠାରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ଏଥିସହ ସ୍ୱଚ୍ଛତା ଦିବସ ମଧ୍ୟ ପାଳନ କରାଯାଇଥିଲା। ଏପରିକି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସରକାରୀ ପଦାଧିକାରୀ, କର୍ମଚାରୀ ଓ ଉପସ୍ଥିତ ଜନସାଧାରଣ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ପରିବେଶକୁ ସ୍ୱଚ୍ଛ ରଖିବାକୁ ଶପଥ ନେଇଥିଲେ। କିନ୍ତୁ ଆୟୋଜିତ କାର୍ଯ୍ୟକ୍ରମର ଚତୁଃପାର୍ଶ୍ୱରେ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨ ହଜାର ଜନସାଧାରଣ ଯୋଗଦେବା ପାଇଁ ବ୍ୟବସ୍ଥା କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ସେମାନଙ୍କ ବସିବା ପାଇଁ ଚେୟାର, ପଙ୍ଖା, ୨ଟି ଅସ୍ଥାୟୀ ଶୌଚାଳୟ, ଖାଇବା ପାଇଁ ୧୫ଟି ଷ୍ଟଲ ଓ ୨ଟି ପାଣି ଟ୍ୟାଙ୍କର ସହ ଡଷ୍ଟବିନର ବ୍ୟବସ୍ଥା କରିବାକୁ କୁହାଯାଇଥିଲା। କିନ୍ତୁ ଉକ୍ତ କାର୍ଯ୍ୟକ୍ରମରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ବସିବା ସ୍ଥାନରେ ପଙ୍ଖା ନ ଥିବା ବେଳେ ଖାଦ୍ୟ ପରିବେଷଣ ପାଇଁ ୧୫ଟି ଷ୍ଟଲ ପରିବର୍ତ୍ତେ ୪ଟି ଷ୍ଟଲ ରହିଥିଲା। ଡଷ୍ଟବିନ ନ ଥିବା ଯୋଗୁ ଉପସ୍ଥିତ ଜନସାଧାରଣ ଏଣେତେଣେ ବୁଲି ଖାଇବା ସହ ଖାଇବା ପତ୍ର, ପାଣି ବୋତଲ ଚାରିଆଡେ ପକାଇ ଖେଳ ପଡିଆରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥିଲେ। ଗୋଟିଏ ପଟେ ସ୍ୱଚ୍ଛତା ପାଇଁ ଶପଥ ନିଆଯାଉଥିବାବେଳେ ଅନ୍ୟ ପଟରେ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅଧିକାଂଶ ମହିଳା ଯୋଗ ଦେଇଥିବା ବେଳେ ଅସ୍ଥାୟୀ ଶୌଚାଳୟ ନ ଥିବାରୁ ବିଶେଷ କରି ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଯୁବ ନେତା ତାପସ ଦାସ, ଗୁଣନିଧି ମଲ୍ଲିକ ପ୍ରମୁଖ ବିରକ୍ତି ଭାବ ପ୍ରକାଶ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ତପନ ମହାପାତ୍ର, ଏବିଡିଓ ଦେବେନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ମଧ୍ୟ ଅବ୍ୟବସ୍ଥା ହୋଇଥିବାରୁ ବ୍ଲକ ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ, ଡଷ୍ଟବିନ୍ ଓ ଶୌଚାଳୟ ପାଇଁ କୁହାଯାଇଥିଲା। କିନ୍ତୁ କୌଣସି କାରଣବଶତଃ ଏହା ହୋଇପାରି ନ ଥିବା ସେ ସ୍ୱୀକାର କରିଛନ୍ତି।

# ଖୁଦୁରୁକୁଣୀ ଭସାଣିରେ ଗଣ୍ଡଗୋଳ, ଜଣେ ଗୁରୁତର

କୁଜଙ୍ଗ, ୧୭।୯ (ମନୋଜ ପ୍ରଧାନ )

କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମ ଓ ନରେନ୍ଦ୍ରପୁର ଗ୍ରାମରେ ସୋମବାର ରାତିରେ ଖୁଦୁରୁକୁଣୀ ଭସାଣି ଚାଲିଥିବା ବେଳେ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ନରେନ୍ଦ୍ରପୁର ଗ୍ରାମର ସୁନାକର ନାୟକ। ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଉଭୟ ଗ୍ରାମରେ ଭସାଣି ଚାଲିଥିବାବେଳେ ଡିଜେ ରଖାଯାଇଥିବା ଟ୍ରଲି ରାସ୍ତାକୁ ସମ୍ପୂର୍ଣ୍ଣ ବିରୋଧ କରି ଦେଇଥିଲା । ଏହି ସମୟରେ ଉକ୍ତ ରାସ୍ତା ଦେଇ ସୁନାକର ବାଇକ୍‌ରେ ପୁଅ ସହ ଘରକୁ ଫେରୁଥିଲେ। ମାତ୍ର ରାସ୍ତା ଅବରୋଧ ହୋଇଥିବାରୁ ସୁନାକର ଓ ତାଙ୍କ ପୁଅ ବିରୋଧ କରିଥିଲେ। ଫଳରେ ଗଣ୍ଡଗୋଳ ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଭାବେ ବାଜୁଥିବା ଡିଜେକୁ ଜବତ କରିବା ସହ ୪ ଜଣଙ୍କୁ ଉଠାଇ ନେଇ ଅଟକ ରଖିଛି। ଏନେଇ ଥାନାରେ ମାମଲା (ନଂ. ୪୬୨/୨୪) ରୁଜୁ ହୋଇଛି ।

# ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପାରାଦୀପ, ୧୭।୯ (ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଠାରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୋର୍ଟ ପର୍ଯ୍ୟାବରଣ ବିଭାଗ ପକ୍ଷରୁ ଏ ନେଇ ପ୍ରଶାସନିକ ଭବନ ଆଗରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସ୍କୁଲ ଛାତ୍ରୀଛାତ୍ର ଓ ପୌରପାଳିକା ପ୍ରମୁଖ ସାମିଲ ହୋଇଥିଲେ। ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି ଓ ଅନ୍ୟବରିଷ୍ଠ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ଲାଷ୍ଟିକମୁକ୍ତ ପାରାଦୀପ ପାଇଁ ସଚେତନ କରାଯାଇଥିଲା। ଏଥିସହ ମା'ଙ୍କ ନାମରେ ଗଛଟିଏ ଲଗାଇବାକୁ କୁହାଯାଇଥିଲା।


ସ୍ୱଚ୍ଛତା ଅଭିଯାନ ଅବସରରେ ଚାରାରୋପଣ କରାଯାଉଛି।

# ବିଶ୍ୱକର୍ମା ପୂଜାମଣ୍ଡପ ଅଞ୍ଚଳ ସଫେଇ


କଂଗ୍ରେସ କର୍ମୀମାନେ ପାରାଦୀପ ବିଶ୍ୱକର୍ମା ପୂଜା ମଣ୍ଡପକୁ ସଫେଇ କରୁଛନ୍ତି।

ପାରାଦୀପ, ୧୭।୯ (ଶରତ ରାଉତ)

ପାରାଦୀପର ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ମଙ୍ଗଳବାର କଂଗ୍ରେସ କର୍ମୀମାନେ ସମୂହ ସଫେଇ କରିଥିଲେ। ଦଳର ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ନଗର ସଭାପତି କେଦାରନାଥ ବିଶ୍ୱାଳ, ଅନିଲ ନାୟକଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ ।

# ଅଜଣା ରୋଗରେ ଡିପ୍ଲୋମା ଛାତ୍ର ମୃତ

ରାଜକନିକା, ୧୭।୯ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ପାରିନୁଆପଡ଼ା ଦୁଷ୍ମନ୍ତ ବରଜଙ୍କ ପୁଅ ଶୁଭ୍ରଜିତ (୧୭) କଟକ ଟାଙ୍ଗୀସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପ୍ରଥମ ବର୍ଷର ଛାତ୍ର । ୨ଦିନ ପୂର୍ବରୁ ହଠାତ ତାଙ୍କ ଦେହ ଅସୁସ୍ଥ ହେବା ସହ ବାତ ମାରିଥିଲା ଓ ପେଟ ଫମ୍ପେଇ ଯାଇଥିଲା। ତାଙ୍କ ଶରୀର ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ନ୍ୟାୟାଳୟରେ ମିଥ୍ୟା ତଥ୍ୟ ଦେଇ ଭୂମିହୀନଙ୍କ ଜମି ଉଚ୍ଛେଦ ଉଦ୍ୟମ

କୁଜଙ୍ଗ, ୧୭।୯ (ମନୋଜ ପ୍ରଧାନ)

**ଭୂମିହୀନ ଦମ୍ପତିଙ୍କ ଆତ୍ମାହୁତି ଚେତାବନୀ**

ସରକାରୀ ଜାଗାରେ ଘର କରି ରହିଥିବା ଭୂମିହୀନ ଦମ୍ପତିଙ୍କୁ ତହସିଲ ପକ୍ଷରୁ ଉଚ୍ଛେଦ କରିବାକୁ ଉଦ୍ୟମ ହୋଇଛି। ଏହାର ପ୍ରତିବାଦରେ ସମ୍ପୃକ୍ତ ଦମ୍ପତି ଆତ୍ମାହୁତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ପ୍ରକାଶ ଯେ, ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ନୂଆଗାଁ ରାଜସ୍ୱ ମୌଜାର ମଙ୍ଗୁଳି ମୁଦୁଲି ଜଣେ ଭୂମିହୀନ ହୋଇଥିବାରୁ ଦୀର୍ଘ ବର୍ଷ ହେବ ପ୍ଲଟ ନମ୍ବର୍ ୨୬୬୪ ଓ ଖାତା ନମ୍ବର ୭୨୩ ଆବାଦଯୋଗ୍ୟ ଅନାବାଦୀ କିସମ ଘରବାରିରେ ଘର କରି ରହୁଛନ୍ତି। ମାତ୍ର ମଙ୍ଗୁଳି ପ୍ଲଟ ନଂ. ୧୭୬୫ , ଖାତା ନଂ. ୭୨୪ କିସମ ରାସ୍ତାକୁ ଜବରଦଖଲ କରି ଘର କରି ରହିଥିବା ନେଇ ଦର୍ଶାଇ ଉଚ୍ଛେଦ ଦାବିରେ ସେହି ଗ୍ରାମର ରଶ୍ମିରଞ୍ଜନ ନାୟକ ୨୦୨୦ରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶମତେ ପୂର୍ବ ତହସିଲଦାରମାନେ ଜମି ମାପି ଏହା ରାସ୍ତା କିସମ ନୁହେଁ ବୋଲି ଜାଣିବା ପରେ ଉଚ୍ଛେଦ ନକରି ଫେରିଯାଇଥିଲେ। ହେଲେ ବର୍ତ୍ତମାନର ରାଜସ୍ୱ ପରିଦର୍ଶକ ରବୀନ୍ଦ୍ର ଲେଙ୍କା ଓ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ବେହେରା ବେଆଇନ ଭାବେ ଦଖଲ କରି ରଖିଥିବା ରଶ୍ମିରଞ୍ଜନଙ୍କ ପରିବାରର ପ୍ଲଟ ନଂ.୧୭୬୫ ଓ ଖାତା ନଂ. ୭୨୪ କିସମ ରାସ୍ତାକୁ ନ ମାପି ମଙ୍ଗୁଳି ଘର କରିଥିବା ଜାଗାକୁ ରାସ୍ତା କିସମ କହି ଉଚ୍ଛେଦ ପାଇଁ ନୋଟିସ ଦେଇଛନ୍ତି। ଏନେଇ ମଙ୍ଗୁଳି ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମଙ୍ଗୁଳି ଏଥିରେ ଦର୍ଶାଇଛନ୍ତି ଯେ, ରାଜସ୍ୱ ପରିଦର୍ଶକ ଚଉହଦିରୁ ମାପ ନ ଆଣି ମିଛରେ ୨୬୬୪ ନମ୍ବର ପ୍ଲଟକୁ ୧୭୬୫ ନମ୍ବର ପ୍ଲଟରେ ଦର୍ଶାଇ ଚିହ୍ନ ମାରିଯାଇଛନ୍ତି। ଖାଲି ସେତିକି ନୁହେଁ ରାଜସ୍ୱ ପରିଦର୍ଶକ ଓ ନିରୀକ୍ଷକ ପ୍ରଭାବିତ ହୋଇ ଉଚ୍ଚ ନ୍ୟାୟାଳୟ ଓ ତହସିଲଦାରଙ୍କୁ ମିଥ୍ୟା ତଥ୍ୟ ଦେଇଥିବା ସେ ଅଭିଯୋଗ କରିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି, ଜଣେ ଭୂମିହୀନ ଭାବେ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଜାଗା ପାଇବା ପାଇଁ ଯେତେ ଦରଖାସ୍ତ କଲେବି ତାଙ୍କର ରୋଜଗାରର ଉତ୍ସ ସମ୍ପର୍କରେ ମିଥ୍ୟା ତଥ୍ୟ ଦେଇ ନ୍ୟାୟାଳୟ ଓ ତହସିଲଦାରଙ୍କୁ ଭ୍ରମିତ କରୁଛନ୍ତି। ସେ ଘର ଡିହ ଖଣ୍ଡେ ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ୧୮ ତାରିଖ ସୁଦ୍ଧା ଜାଗା ଖାଲି ନ କଲେ ତହସିଲ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ନୋଟିସ ହୋଇଛି। ମଙ୍ଗୁଳି ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ତାଙ୍କ ପରିବାରକୁ ଥଇଥାନ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏସମ୍ପର୍କରେ ଏରସମା ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଓ ରାଜସ୍ୱ ନୀରିକ୍ଷକ ବେହେରାଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ବି ସେ ମୋବାଇଲ ଉଠାଇ ନ ଥିଲେ। ମାତ୍ର ରାଜସ୍ୱ ପରିଦର୍ଶକ ରବୀନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କହିଥିଲେ. ଏତେ କଥାରୁ କ'ଣ ମିଳିବ। ମଙ୍ଗୁଳିଙ୍କ ସରକାରୀ ଜାଗାରେ ଅଛି। ଯେହେତୁ ତାହା ସରକାରୀ ଜାଗା ଚଉହଦି ମାପ ଆବଶ୍ୟକ ନାହିଁ। ଏନେଇ ମଙ୍ଗୁଳି ତହସିଲଦାରଙ୍କୁ ଜଣାନ୍ତୁ ବୋଲି କହିଥିଲେ।

# ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବ ସୁଭଦ୍ରା

ରଘୁନାଥପୁର/କୁଜଙ୍ଗ, ୧୭।୯ (ରାଜେନ୍ଦ୍ର ନାରାୟଣ ସିଂହ/ମନୋଜ ପ୍ରଧାନ)

ରଘୁନାଥପୁର ପଞ୍ଚାୟତସମିତି ପକ୍ଷରୁ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଭଦ୍ରା ଯୋଜନାରେ ଶୁଭାରମ୍ଭ ଉତ୍ସବ ଆଭାସୀ ଜରିଆରେ ଦେଖିବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ୧୯ ଗୋଟି ପଞ୍ଚାୟତରୁ ୩ ହଜାରରୁ ଊର୍ଦ୍ଧ୍ୱ ଏସଏଚ୍‌ଜି ସଦସ୍ୟା ଯୋଗଦେଇଥିଲେ। ବିଡିଓ ନମିତା ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏସଏ ଦୀପକ କୁମାର ପରିଡା, ଅତିରିକ୍ତ ତହସିଲଦାର ତପନ ପରିଡା, ସିଡିପିଓ ତୃପ୍ତିଲତା ମହାନ୍ତି, ଏବିଡିଓ ଜ୍ଞାନଦା ନାୟକ ଓ ସହକାରୀ ଯନ୍ତ୍ରୀ ସୂଚୀସ୍ମିତା ବେହେରା ଉପସ୍ଥିତ ରହି ଯୋଜନାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହିଳାମାନଙ୍କୁ ସୁଭଦ୍ରା ଯୋଜନା ସ୍ୱାବଲମ୍ବୀ କରିବ ବୋଲି ସେମାନେ କହିଥିଲେ। ଏହି ଯୋଜନାର ପ୍ରଥମ କିସ୍ତି ରୂପେ ୫ ହଜାର ଟଙ୍କା ପାଇ ମହିଳାମାନେ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ।ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୧ ଜଣ ହିତାଧିକାରୀଙ୍କୁ ଘରର ଚାବି ପ୍ରଦାନ କରାଯାଇଥିଲା। ସ୍ନେହପ୍ରିୟା ସ୍ୱାଇଁ ଏବଂ ଲିପିକା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିନାରାଣୀ ଦାସ ସଭା ସଞ୍ଚାଳନ କରିଥିଲେ। ସେହିପରି କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପଡ଼ିଆରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ତହସିଲଦାର ପୁଷ୍ପାଶ୍ରୀ ସାଣ୍ଡିଲ ଯୋଗଦେଇଥିଲେ। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥିଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଆଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଭୂତମୁଣ୍ଡେଇ ସରପଞ୍ଚ ରୋହିତ ଜେନା, ବାଲିଆ ସରପଞ୍ଚ ସରୋଜିନୀ ନାୟକ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ସିଡିପିଓ ରାଜଶ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।


ରଘୁନାଥପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସୁଭଦ୍ରା: କନ୍ଧମାଳରେ ଉପକୃତ ହେବେ ୩ ଲକ୍ଷ ମହିଳା

ଫୁଲବାଣୀ,୧୭।୯ (ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ କରୋନେସନ ପଡିଆରେ ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଏଥିସହ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଅମ୍ରିତ୍ ଋତୁରାଜ୍ ଯୋଗଦେଇଥିଲେ। କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଆଦିତ୍ୟ କହଁର, ବିଧାୟକଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ମହାନ୍ତି, ବିଡିଓ ପ୍ରତୀକ ସାହୁ ଉପସ୍ଥିତ ଥିଲେ।

**ଫିରିଙ୍ଗିଆ,(ବିମଳ ଦିଗାଲ)**– ଫିରିଙ୍ଗିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ନମିତା କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ।

**ଜି.ଉଦୟଗିରି,(ଚିନ୍ମୟ କୁମାର ସେଠୀ)**– ହବାକ୍ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ମନୋଜ କୁମାର ଦେବତା, କାର୍ଯ୍ୟନିର୍ବାହୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ସିଡିପିଓ କଳ୍ପନା ଶତପଥୀ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ଏନ ଲୁକ ପ୍ରମୁଖ ସହଯୋଗ କରିଥିଲେ।

**ଖଜୁରିପଡ଼ା,୧୭।୯(ବିଦୁର ବେହେରା)** ଖଜୁରିପଡ଼ା ସ୍କୁଲ ପଡିଆରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଜିଲା ପରିଷଦ ଉର୍ବଶୀ ଦିଗାଲ,ସମ୍ମାନିତ ଅତିଥି ଏପିଡି ନରେଶ ନାୟକ, ତହସିଲଦାର ସୌମ୍ୟରଞ୍ଜନ ପାତ୍ର, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ , ସିଡିପିଓ କ୍ରିଷ୍ଣା ବେହେରା ଉପସ୍ଥିତ ଥିଲେ। ୧୦ ହିତାଧିକାରୀଙ୍କୁ ଆବାସ ଯୋଜନା ଗୃହର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୧୦ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପାଇଁ ଚାବି ପ୍ରଦାନ କରାଯାଇଛି।

**ରାଇକିଆ,(ପ୍ରଦୀପ ବେହେରା)** ରାଇକିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ନେଇ ଗୃହ ପ୍ରବେଶ କାର୍ଯ୍ୟକ୍ରମ ହୋଇଛି। ବିଡିଓ ସୀମାଞ୍ଚଳ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ପୂର୍ବତନ ଜି ଉଦୟଗିରି ବିଧାୟକ ମନୋଜ ପ୍ରଧାନ, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା ଉପସ୍ଥିତ ଥିଲେ।

**କ.ନୂଆଗାଁ(କାଳୀ ପ୍ରସାଦ ତ୍ରିପାଠୀ):** କ.ନୂଆଗାଁ ହାଇସ୍କୁଲ ଖେଳ ପଡିଆରେ କ.ନୂଆଗାଁ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ରାମକୃଷ୍ଣ ମିଶ୍ର ସୁଭଦ୍ରା ଯୋଜନା ବିଷୟରେ ବୁଝାଇଥିଲେ। ପିଏମ ଆବାସ ୧୦ ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ ଚାବି ଓ ୬ ଜଣଙ୍କୁ କାର୍ଯ୍ୟାଦେଶ ଦେଇଥିଲେ।

**ତୁମୁଡିବନ୍ଧ,(ଦୀପକ କୁମାର ପରାସେଠ)** ତୁମୁଡିବନ୍ଧ ବ୍ଲକ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀଉପସ୍ଥିତ ଥିଲେ।

**ଚକାପାଦ,(ପ୍ରତାପ କିଶୋର ବେହେରା)**– ଚକାପାଦ ବ୍ଲକରେ ବିଧାୟକ ଉମା ଚରଣ ମଲ୍ଲିକ, ବ୍ଲକ୍ ଅଧ୍ୟକ୍ଷା ବୈନେତ୍ରୀ କହଁର, ଜିଲା ପରିଷଦ ସଭ୍ୟା ରଚନା ନାୟକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୧୦ ଜଣ ମା'ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହର କାର୍ଯ୍ୟାଦେଶ ବଣ୍ଟନ କରଯାଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧଙ୍କ ମୃତ୍ୟୁ

ଦାରିଙ୍ଗବାଡି, ୧୭।୯ (ଅରୁଣ ସାହୁ )

କନ୍ଧମାଳ ଓ ଗଞ୍ଜାମ ସୀମାରେ ଥିବା ବାଇମାଲା ଗାଁରେ ସୋମବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ରମେଶ ପ୍ରଧାନ (୬୨)। ବିଦ୍ୟୁତ୍ ବିଭାଗ ଫୋନ୍ ନ ଉଠାଇବାରୁ ରମେଶଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଚାପା ଉତ୍ତେଜନା ଲାଗି ରହିଛି।

ପ୍ରକାଶ ଯେ, ସୋରଡ଼ା ଥାନା ଗାଜଲବାଡି ପଞ୍ଚାୟତର ବାଇମାଲା ଗାଁଟି ଦାରିଙ୍ଗବାଡି ନିକଟରେ ରହିଛି। ଉକ୍ତ ଗାଁରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ରମେଶଙ୍କ ବାଡି ପଟେ ଏକ ଅମୃତଭଣ୍ଡା ଗଛ ବର୍ଷାରେ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡିଯାଇଥିଲା। ଫଳରେ ତାର ଛିଣ୍ଡି ଯାଇଥିଲା। ଏହି ସମୟରେ ରମେଶ କଣ ପଡ଼ିଲା ବୋଲି ଶବ୍ଦ ଶୁଣି ବାଡିକୁ ଯାଇଥିଲେ। ଫଳରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ପାଟି ଶୁଣି ପରିବାର ଲୋକେ ପହଞ୍ଚି ବିଦ୍ୟୁତ୍ ବିଭାଗକୁ ଫୋନ କରିଥିଲେ। କିନ୍ତୁ ସେମାନେ ନିକଟସ୍ଥ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରିବାକୁ କହିଥିଲେ। ହେଲେ ବିଦ୍ୟୁତ୍ କାଟ୍ ପାଇଁ କୌଣସି ପଦକ୍ଷେପ ନେଲେ ନାହିଁ ବୋଲି ମୃତକଙ୍କ ପରିବାରର ବଡ଼ ପୁଅ ଅପନା ପ୍ରଧାନ ଅଭିଯୋଗ କରିଛନ୍ତି। ପରିବାର ଲୋକ ଏକ ଶୁଖିଲା କାଠରେ ରମେଶଙ୍କୁ ଉଦ୍ଧାର କରି ଦାରିଙ୍ଗବାଡି ମେଡିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକ ଏହାର ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏନେଇ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକଙ୍କୁ ପଚାରିବାରୁ ସେ ଫୋନ ରିସିଭ କରି ତୁରନ୍ତ ରମେଶଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି। ବିଭାଗର ଏକ ତଦନ୍ତକାରୀ ଟିମ୍ ପହଞ୍ଚି ତଦନ୍ତ କଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ଗଜପତିରେ ସୁଭଦ୍ରା ଶୁଭାରମ୍ଭ, ପିଏମ୍ ଆବାସ ବଣ୍ଟନ

ପାରଳାଖେମୁଣ୍ଡି,୧୭।୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦରମହକୁମା ଗଜପତି ଷ୍ଟାଡିୟମଠାରେ ଜିଲାସ୍ତରୀୟ ସୁଭଦ୍ରା ଯୋଜନାର ଶୁଭାରମ୍ଭ ମଙ୍ଗଳବାର ହୋଇଛି। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ଉପଜିଲାପାଳ ଅନୁପ ପଣ୍ଡା, ଗୋଷାଣୀ ବିଡିଓ ଅଜୟ ପ୍ରଧାନ, ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ତହସିଲଦାର ନାରାୟଣ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ୧୪୦୧ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ୧୦୭ ହିତାଧିକାରୀ ସେମାନଙ୍କ ନିର୍ମିତ ନୂତନ ଘରେ ପ୍ରବେଶ କରିଥିଲେ। ଏହି ଅବସରରେ ଅକ୍ଟୋବର ୨ ପର୍ଯ୍ୟନ୍ତ ପାଳିତ ହେଉଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଜିଲାପାଳ ସମସ୍ତଙ୍କୁ ସ୍ୱଚ୍ଛତା ହିଁ ସେବାର ଶପଥ ପାଠ କରାଇଥିଲେ। ଜିଲା ସମାଜ ମଙ୍ଗଳ ବିଭାଗ ଅଧିକାରୀ ନମିତା ମହାରଣା, ଗୋଷାଣୀ ସିଡିପିଓ ସାରଳା ପାତ୍ର, ଜିଲା ପରିଷଦର ଜି.ସୁନୀଲ ବାବୁ ଉପସ୍ଥିତ ଥିଲେ।

**କାଶୀନଗର,(ଟି. କ୍ରିଷ୍ଣାରାଓ)** – କାଶୀ ନଗରରେ ଆୟୋଜିତ ସମାବେଶରେ ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ନିର୍ବାହୀ ଅଧିକାରୀ ଭଗବତ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମା, ବିଡିଓ ଡମ୍ବରୁଧର ମଲ୍ଲିକ, ସିଡିପିଓ କନକଲତା ପୂଜାରୀ, ଅତିରିକ୍ତ ତହସିଲଦାର ତ୍ରିନାଥ ସାହୁଙ୍କ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଆର.ଉଦୟଗିରି(ମନୋଜ କୁମାର ପାଢୀ):**– ଆର. ଉଦୟଗିରି ବ୍ଲକ ଶିବ ମନ୍ଦିର ପଡିଆରେ ସୁଭଦ୍ରା ଯୋଜନା ଲୋକାର୍ପଣ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିରେ ବିଡିଓ ଲରିମନ ଖର୍ସେଲ,ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାଣ ଶବର, ତହସିଲଦାର ଜ୍ୟୋତିମୟ ଦାସ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ଓ ସିଡିପିଓ ଲଳିତା ପୂଜାରୀ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ପ୍ରଧାନମନ୍ତ୍ରୀ ଆବାସଗୃହ ପାଇଥିବା ୧୦ ଜଣଙ୍କୁ କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା।

**ମୋହନା,(ମନ୍ମଥ ମିଶ୍ର)**–ମୋହନା ହାଇସ୍କୁଲ ପଡ଼ିଆରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳାମାନେ ଯୋଗ ଦେଇଥିଲେ। ଏପରିକି ବସିବାକୁ ଜାଗା ନ ମିଳିବାରୁ ଅନେକ ମହିଳା ନିକଟରେ ଥିବା ଏକ ଗଛ ମୂଳେ ବସିଥିବା ଦେଖିବା ଦେଖିବାକୁ ମିଳିଥିଲା।

**ନୂଆଗଡ଼,(ଯୋଗ୍ୟବନ୍ତ ପରିଚ୍ଛା)**– ନୂଆଗଡ଼ ବ୍ଲକ ଖଜୁରୀପଦା ବାବା ସାହେବ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆରେ ହୋଇଥିବା ଶୁଭାରମ୍ଭ କାର୍ଯ୍ୟକ୍ରମରେ ସିଡ଼ିପିଓ ରଜେଶ୍ୱରୀ ପାତ୍ର, ବିଡିଓ ଲୋକନାଥ ଶବର, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମୀୟ ରଇତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକର ୧୨୪ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଜିପିଓ ନୃସିଂହ ଚରଣ ମିଶ୍ର ପରିଚାଳନା କରିଥିଲେ।

## ବେଆଇନ ବାଲିଘାଟରୁ ୩ ଟ୍ରାକ୍ଟର ଜବତ

ଆସିକା,୧୭।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସିର ସୁନାମ୍ବ ସାହି ଆଦର୍ଶ ଶ୍ମଶାନ ନିକଟ ଋଷିକୂଲ୍ୟା ନଦୀପଠା ବେଆଇନ ବାଲିଘାଟରୁ ବାଲି ଚାଲାଣ କରୁଥିବା ୩ଟି ଟ୍ରାକ୍ଟରକୁ ଜବତ କରାଯାଇଛି । ବାଲି ଚାଲାଣ ସମ୍ପର୍କରେ ଖବରପାଇ ମଙ୍ଗଳବାର ଅପରାହ୍ନରେ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଏହି ଗାଡିସବୁ ଜବତ କରିଥିଲେ । ଜବତ ୩ ଟ୍ରାକ୍ଟର ଆସିକା ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ବେଳେ ବୁଧବାର ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ସୁନାମ୍ବ ସାହି ବେଆଇନ ବାଲିଘାଟରୁ ଗତ କିଛି ଦିନ ହେଲା ଦିନରାତି ଅବାଧରେ ବାଲିଚାଲାଣ ହେଉଥିବାରୁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି।

## ଶ୍ରୀଅରବିନ୍ଦ ଶକ୍ତିପୀଠ ପ୍ରତିଷ୍ଠା ଦିବସ ପାଳିତ




ଭଞ୍ଜନଗର,୧୭।୯(ବାବୁଲା ପ୍ରଧାନ)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ଏବଂ ଧ୍ୟାନ ମନ୍ଦିର ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଆଧ୍ୟାତ୍ମିକ ସମ୍ମିଳନୀରେ ଗଞ୍ଜାମ ଓ କନ୍ଧମାଳ ଜିଲାର ବିଭିନ୍ନ ପାଠଚକ୍ରରୁ ଆସିଥିବା ଶତାଧିକ ସାଧିକା, ସାଧକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସକାଳେ ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ମାତୃପତାକା ଉତ୍ତୋଳନ କରିଥିଲେ। ସଭାରେ ଆସ୍କୁରୁହା ମଣ୍ଡଳ ଆବାହକ ଭାଗିରଥି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଆଲୋଚନା କରିଥିଲେ।

ପ୍ରଥମ ଅଧିବେଶନରେ ଅଧ୍ୟାପକ କୃତିବାସ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଡାଳିଯୋଡ଼ା ଆଶ୍ରମର ସାଧକ ପ୍ରଭାତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଦେହାନ୍ତର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏହାକୁ ମୁଖ୍ୟ ଟ୍ରଷ୍ଟି ଲଲାଟେନ୍ଦୁ ସାମନ୍ତ ପରିଚାଳନା କରିଥିଲେ। ଜିଲା ଆବାହକ ଶଶଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ସାଧକ ଲକ୍ଷ୍ମୀଚରଣ ଦାସ, ଶିବ ରାମ ପଣ୍ଡା, ମହିଳା ପାଠଚକ୍ର ଜିଲା ସଭାନେତ୍ରୀ କମଳା କୁମାରୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସୁନୀତା ପାଣିଗ୍ରାହୀ ମା' ବହି ଓ ମଧୁସ୍ମିତା ସାହୁ ଦୁର୍ଗା ସ୍ତୋତ ପାଠ କରିଥିଲେ। ପ୍ରତିମା ମହାରଣା ଧ୍ୟାନ ପ୍ରାର୍ଥନା ଏବଂ ଜ୍ୟୋତିମୟୀ ପ୍ରଧାନ ମନ୍ତ୍ରପାଠ କରିଥିଲେ। ରତ୍ନ ମଞ୍ଜରୀ ପାଢ଼ୀ, ରମେଶ ବେହେରା, ସୁଜାତା ରାଣୀ ପଣ୍ଡା,ରଶ୍ମିତା ସାହୁ,ବିଦେଶୀ ସାହୁ, ସୁଷମା ପଣ୍ଡା, ସବିତା ଦାସ, ସୁଚିତ୍ରା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦେଶୀ ମଦ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୭।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଅବକାରୀ ଏସଆଇ ଅନିତା ପ୍ରଧାନ ମଙ୍ଗଳବାର ବେଆଇ ମଦ ବିକ୍ରି ଅଭିଯୋଗରେ ଅମଳାଗୁଡ଼ା ଗ୍ରାମର ପାଣ୍ଡବ ବିଷୋୟୀଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଅବକାରୀ ମାମଲା ନଂ.୧୦୩/୨୪–୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲକୁ ପଠାଯାଇଛି। ସୋମବାର ସନ୍ଧ୍ୟାରେ ଦିଗପହଣ୍ଡି ପୋଲିସ ଏବଂ ଅବକାରୀ ଏସ୍‌ଆଇ ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ ଅମଳାଗୁଡ଼ା ଗ୍ରାମ ରାସ୍ତାକଡ଼ର ବୁଦା ମୂଳରେ ଅଭିଯୁକ୍ତ ଜଣକ ସନ୍ଦେହଜନକ ଭାବେ ବସିଥିଲେ। ଖାନତଲାସ କରିବାରୁ ତାଙ୍କ ନିକଟରୁ ବିଭିନ୍ନ କମ୍ପାନୀ ପ୍ରସ୍ତୁତ ୪୦ ବିଦେଶୀମଦ ବୋତଲ ମିଳିଥିଲା। ଅବକାରୀ ଏସ୍‌ଆଇ ତାଙ୍କୁ ରାତି ପ୍ରାୟ ୯ ଟାରେ ଗିରଫ କରିଥିଲେ।

## ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଆର,ଉଦୟଗିରି,୧୭।୯ (ମନୋଜ କୁମାର ପାଢୀ)

ଆର, ଉଦୟଗିରି ବ୍ଲକ ଅଧୀନରେ ଥିବା କେ.ଏମ୍. ଭଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମାୟାଧର ସାହୁଙ୍କ ନିର୍ଦ୍ଦେଶ ତଥା ଜିଲା କ୍ରୀଡା ନିରୀକ୍ଷକ ସୁରେନ୍ଦ୍ର ପାତ୍ର ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନ କ୍ରମେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସୁବାସ ଚନ୍ଦ୍ର ସାହୁ (ସହ ସମ୍ପାଦକ ) ସଞ୍ଜୀବ କୁମାର ଦାଶ (ଜେ. ଆର. ସି. ଅଫିସର )ପ୍ରହ୍ଲାଦ ଶିଅଳ (ଜେ. ଆର. ସି., ଆର. ପି.)ପ୍ରାଥମିକ ଚିକିତ୍ସା ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ଯୁବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଦୀକ୍ଷିତ ଏବଂ ଯୋଡଝମ୍ପ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ସେହିପରି ଶୁଣ୍ଡୁରୁବଝ କଲ୍ୟାଣ ବିଭାଗ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜିଲା ରେଡ଼କ୍ରସ ଅଧିକାରୀ ସଂଜୀବ କୁମାର ଦାସ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସାର ଉପଯୋଗ ଓ ବ୍ୟାଣ୍ଡେଜ କିପରି ବନ୍ଧା ଯାଏ ସେ ନେଇ ଶିକ୍ଷାଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଏମ୍ କଳ୍ପନା, ଭାରତୀ ପାତ୍ର ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୨୫୦ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

### ମିଳିମିଶି ସୁଭଦ୍ରା ଶୁଭାରମ୍ଭ କଲେ

ଭଞ୍ଜନଗର,୧୭।୯(ବାବୁଲା ପ୍ରଧାନ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଭଞ୍ଜନଗରରେ ମଧ୍ୟ ଉକ୍ତ ଯୋଜନାର ଶୁଭାରମ୍ଭ ଭିଡିଓ କନଫରେନ୍ସ ମାଧ୍ୟମରେ ହୋଇଥିଲା। ଏନ୍‌ଏସି ଏବଂ ବ୍ଲକ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଜପା ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହାକୁ କାର୍ଯ୍ୟକାରୀ କରୁଛନ୍ତି ବୋଲି କହିଥିଲେ। ସେଥିମଧ୍ୟରୁ ସୁଭଦ୍ରା ଯୋଜନା ଅନ୍ୟତମ ବୋଲି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅନିଲ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି




ବସ୍‌ଷ୍ଟାଣ୍ଡଠାରେ ସଫେଇ କାର୍ଯ୍ୟ ଚାଲିଛି।

ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ତହସିଲଦାର ଉମାଶଙ୍କର ବେହେରା, ବିଡ଼ିଓ ମନ୍ମଥ ନାୟକ, ସିଡିପିଓ ଲିଜିମା କୁମାରୀ ପଣ୍ଡା, ନିର୍ବାହୀ ଅଧିକାରୀ ମୁରଲି କୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଏନଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବିଧାୟକ ନାୟକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଚାରାରୋପଣ କରିବା ସହ ବସଷ୍ଟାଣ୍ଡରେ ସଫେଇ କର୍ଯ୍ୟରେ ସାମିଲ ହୋଇଥିଲେ।

## ବିଭିନ୍ନ ସ୍ଥାନରେ ସୁଭଦ୍ରା ଶୁଭାରମ୍ଭ

ଛତ୍ରପୁର,୧୭।୯(ଦିଲୀପ ସାମଲ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ସୁଭଦ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛତ୍ରପୁର ଅନସ୍ଲୋ ଖେଳପଡିଆଠାରେ ଏଲଇଡ଼ି ମାଧ୍ୟମରେ ମହିଳାମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡି, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଡୁଡା ପିଡି ରବୀନ୍ଦ୍ର ପଟେଲ, ଛତ୍ରପୁର ବିଡ଼ିଓ ସୁଶାନ୍ତ ବରାଳ, ଏନଏସି ନିର୍ବାହୀ ଅଧିକାରୀ, ସିଡିପିଓ ପ୍ରଣମିତା ପଣ୍ଡା, ଓଡିଶା ଜୀବିକା ମିଶନର ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆପ୍‌ର ଶୁଭାରମ୍ଭ ହୋଇଥିଲା।

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକା ଟାଉନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିଡିଓ ଫକୀର ଚରଣ ପରିଡା, ଏସଡିପିଓ ସଞ୍ଜୟ ମହାପାତ୍ର, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଏନଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ସିଡିପିଓ ଇନ୍ଦିରା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

**ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ମିନି ଷ୍ଟାଡିୟମରେ ବିଡିଓ ଡେନିସ ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ ଏବିଡିଓ ସୁଶିଲ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘୁମୁସର ଜିଲା ଭାଜପା ସଭାପତି ବିଜୟ ସ୍ୱାଇଁ, ସମ୍ମାନିତ ଅତିଥି ଓବିସି ମୋର୍ଚ୍ଚା ଘୁମୁସର ଜିଲା ସଭାପତି ଗଦାଧର ସ୍ୱାଇଁ, ଧରାକୋଟ ମଣ୍ଡଳ ସଭାପତି ୟୁ ପାପା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ବିଜୟ ସ୍ୱାଇଁ ଉପସ୍ଥିତ ମହିଳାଙ୍କୁ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ସିଡିପିଓ ସୁନିଲପ୍ରଭା ରଥ ପରିଚାଳନା କରିଥିଲେ।

**କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ମିନିଷ୍ଟାଡିୟମଠାରେ ଶିକ୍ଷକ ଦିବାକର ଶତପଥୀଙ୍କ ସଂଯୋଜନା ଓ ବିଡ଼ିଓ ସାଗରିକା ଷଡଙ୍ଗୀଙ୍କ ସଭାପତିତ୍ୱରେ ସୁଭଦ୍ରା ଯୋଜନା ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି



ଛତ୍ରପୁରଠାରେ ଅନୁଷ୍ଠିତ ସୁଭଦ୍ରା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ବେହେରା ଓ ଆସିକା ବିଧାୟକ ସରୋଜ ପାଢ଼ୀ ଯୋଗ ଦେଇଥିଲେ । ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ସିଡିପିଓ ବୀଣାପାଣି ମିଶ୍ର, ଆଇଆଇସି ସୁଧୀର ସାହୁ, ଏବିଡ଼ିଓ ନାରାୟଣ ବେହେରା, ଯୋଗ ଦେଇଥିଲେ।

**ଶେରଗଡ,(ସୂର୍ଯ୍ୟ ନାରାୟଣ ଦାଶ):** ଶେରଗଡ ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଷ ବରାଳ, ସିଡିପିଓ ଗୀତାଞ୍ଜଳି ରାଉଳ, ଶେରଗଡ ସମିତିସଭ୍ୟା ସବିତାରାଣୀ ଚୌଧୁରୀ, ସରପଞ୍ଚ ରଞ୍ଜିତା ବେହେରା, ଟାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ଥାନାଅଧିକାରୀ ବିରେନ୍ଦ୍ର ଶିଆଳ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଗଞ୍ଜାମ,(ବିଦ୍ୟାଧର ସାହୁ)**–ଗଞ୍ଜାମ ବ୍ଲକ ଓ ଏନଏସି ପ୍ରଶାସନ ପକ୍ଷରୁ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ସୁଭଦ୍ରା ଯୋଜନା ସମ୍ପର୍କିତ ସମାବେଶ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ଉପସ୍ଥିତ ଥିଲେ। ବିଡିଓ ବସନ୍ତ ମଲ୍ଲିକ ସୁଭଦ୍ରା ଯୋଜନାର ଉପକାରିତା ସମ୍ପର୍କରେ ବୁଝାଇଥିଲେ।

**ବୁଗୁଡା,(କାଳିଚରଣ ଦାଶ)**–ବ୍ଲକ ଓ ଏନ୍‌ଏସି ପ୍ରଶାସନର ମିଳିତ ଆନୁକୂଲ୍ୟରେ ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି। ସୁଭଦ୍ରାର ପ୍ରଥମ କିସ୍ତିର ପାଞ୍ଚ ହଜାର ଟଙ୍କା ନିଜ ନିଜର ଆକାଉଣ୍ଟକୁ ଆସିଯାଇଥିବାରୁ ହିତାଧିକାରୀ ମହିଳାଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା। ବିଡିଓ ସନ୍ତୋଷ ଜେନା, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଉପସ୍ଥିତ ଥିଲେ।

**ଚିକିଟି,(ପ୍ରକାଶ ଚନ୍ଦ୍ର ସାହୁ)**–ଚିକିଟି ବ୍ଲକ ଓ ଏନଏସିର ମିଳିତ ଆନୁକୁଲ୍ୟରେ ଭିସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଏ ନେଇ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ତହସିଲଦାର ବଳଦେବ ବେହେରା, ଲକ୍ଷ୍ମଣ ସୁରେନ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ଉପସ୍ଥିତ ଥିଲେ। ୯ ଜଣ ହିତାଧିକାରୀଙ୍କୁ ଅତିଥିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**–ବେଲଗୁଣ୍ଠା ବ୍ଲକ ଏବଂ ଏନ୍‌ଏସିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ଯୋଗ ଦେଇଥିଲେ।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର)**– ଖଲ୍ଲିକୋଟସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପଠାରେ ବ୍ଲକ ପ୍ରଶାସନ ଓ ଏନଏସି ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି,ବିଡିଓ ଦେବାଶିଷ ସାମଲ, ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ବ୍ଲକ ଅଧ୍ୟକ୍ଷା କୁମାରୀ ଦାସ, ଉପାଧ୍ୟକ୍ଷା ଭାରତୀ ମହାରଣା, ଏମ୍‌ପି ପ୍ରତିନିଧି ଜଙ୍ଗେଶ୍ୱର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ୧୬ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

**ପୋଲସରା,(ସୁବ୍ରତ ବେହେରା)**– ପୋଲସରା ରଣୀପଡା କଲ୍ୟାଣ ମଣ୍ଡପରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଋଷି ମାଝି ଅଧ୍ୟକ୍ଷତା କରିଥିଲେ। ଭାଜପା ଯୁବ ନେତା ମନୋଜ ଖଟୁଆ, ମୋଚିରାମ ସାହୁ, ଶ୍ରୀକାନ୍ତ ଲେଙ୍କା, ରାମକୃଷ୍ଣ ପ୍ରଧାନ, ନଗର ମଣ୍ଡଳ ସଭାପତି ପ୍ରସନ୍ନ ଡାକୁଆ, ଜନାର୍ଦ୍ଦନ ସାମଲ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ଚାରାରୋପଣ କରାଯାଇଥିଲା।

**ରମ୍ଭା,(ବନବାସୀ ସେଠୀ)**– ରମ୍ଭା ଏନଏସି ନିର୍ବାହୀ ଅଧିକାରୀ ଆଶାଲତା ରତମାଳାଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏହି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ କାଳିଆ ତରେଇ, ବିଧାୟକ ପ୍ରତିନିଧି ସିମାଞ୍ଚଳ ବାଡତ୍ୟା,ଅଙ୍ଗନୱାଡି କର୍ମୀ ବିଷ୍ଣୁପ୍ରିୟା ସାହୁ. ସରୋଜ ଦାଶ, ଦୀପକ ବିଷୋୟୀ, ଜି. ସଙ୍ଗମ ଚୌଧୁରୀ, ସର୍ବନାମ ଦାଶ, ଡଲି ଦାସ, ଜେଇ ଲୋକନାଥ ପାଢ଼ୀ, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ ଉପସ୍ଥିତ ଥିଲେ।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର)**– ଦିଗପହଣ୍ଡିରେ ବ୍ଲକ ଓ ଏନଏସି ପକ୍ଷରୁ ପୁଞ୍ଜିକଂୟା ଛକସ୍ଥିତ ଏକ କଲ୍ୟାଣ ମଣ୍ଡପ ଏବଂ ଏନଏସି କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ ହୋଇଥିଲା। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ଜିପିଡିଓ ଉମେଶ ଚନ୍ଦ୍ର ସେଠୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାୟ , ବିଏସ୍‌ଏସ୍‌ଓ ରଶ୍ମୀ ପ୍ରକାଶିନୀ ଜାନୀ , ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ, ରାଧାକାନ୍ତ ମହାଙ୍କୁଡ, ପୂର୍ବତନ ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ଉପସ୍ଥିତ ଥିଲେ। ସେହିପରି ଏନଏସି କଲ୍ୟାଣ ମଣ୍ଡପରେ ହୋଇଥିବା କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ସଭାପତିତ୍ୱ କରିଥିଲେ।

## ସଂକ୍ଷେପରେ

### ନଦୀକୁ ଗାଧୋଇବାକୁ ଯାଇ ବୃଦ୍ଧ ନିଖୋଜ

ବିଞ୍ଝାରପୁର,୧୭।୯(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଞ୍ଝାରପୁର ପଞ୍ଚାୟତ ତଳସାହିର ଜଣେ ବୃଦ୍ଧ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବୃଦ୍ଧ ହେଲେ ତଳସାହିର ମଦନ ଯେନା(୭୫)। ମଙ୍ଗଳବାର ଭୋର ସମୟରେ ସେ ତାଙ୍କ ଘର ନିକଟ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ବହୁ ସମୟ ବିତିଯାଇଥିଲେ ମଧ୍ୟ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରୁ ହନୁମାନ ମନ୍ଦିର ନିକଟସ୍ଥ ନଦୀଘାଟରୁ ମଦନଙ୍କ ଲୁଙ୍ଗି ଓ ଗୁଣ୍ଡି ଡବା ମିଳିଥିଲା। ମଦନ ଗାଧୋଇବା ସମୟରେ ବୁଡ଼ିଯାଇଥିବା ସନ୍ଦେହ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ମଦନଙ୍କୁ ଖରସ୍ରୋତ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଖରସ୍ରୋତାରେ ପ୍ରଖର ସ୍ରୋତ ଥିବାରୁ ମଦନ ଭାସିଯାଇ ପାରିଥାନ୍ତି ବୋଲି ଅନୁମାନ କରାଯାଉଛି।

### ଯୁବକଙ୍କ ଆତ୍ମହତ୍ୟା ମଶାଣିରୁ ମେଡିକାଲ ଗଲା ମୃତଦେହ

ଚଣ୍ଡିଖୋଲ,୧୭।୯(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଶ୍ରୀ ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ହେମନ୍ତ ଧଳଙ୍କ ପୁଅ ଶିବପ୍ରସାଦ ଧଳ (୨୨)। ଶିବପ୍ରସାଦ ସୋମବାର ରାତିରେ ବେକରେ ଲୁଗା ବାନ୍ଧି ନିଜ ଘର ଫ୍ୟାନରେ ଝୁଲି ପଡ଼ିଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ସତ୍କାର ପାଇଁ ପରିବାର ଲୋକେ ମଶାଣିକୁ ନେଇ ଯାଉଥିବବେଳେ ପୋଲିସ ପହଞ୍ଚି ଏହାକୁ ବନ୍ଦ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଥିସହିତ ସାଇଣ୍ଟିଫିକ ଟିମ ପଠାଇ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଥାନାରେ ନଂ.୧୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶିବପ୍ରସାଦ ସୋମବାର ରାତିରେ ଗ୍ରାମରେ ହୋଇଥିବା ଏକ ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇ ଆସି ଘରେ ଶୋଇଥିଲେ। ମାତ୍ର ସକାଳୁ ନ ଉଠିବାରୁ ପରିବାର ଲୋକେ କବାଟ ଭାଙ୍ଗି ଘରେ ପଶିଥିଲେ। ଏତିକିବେଳେ ସେ ପଙ୍ଖାରେ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ।

# ଧସି ଯାଇଥିବା ରାସ୍ତା ମରାମତି ନିମ୍ନମାନର

## ୨୪.୯୮ କୋଟିର ଷଠିପୁର-ବୁଢା ନଦୀ ବ୍ରିଜ ରାସ୍ତା

ଯାଜପୁର,୧୭।୯(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ପାଣିକୋଇଲି ତଥା ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ଠିକାଦାରଙ୍କୁ ଅଧିକ ସୁହାଇଲା ଭଳି କାମ ଦିଆଯାଉଛି। ଠିକାଦାରମାନେ ଯେତେ ନିମ୍ନମାନର କାମ କଲେ ବି ବିଭାଗୀୟ ଯନ୍ତ୍ରୀମାନେ ମୁହଁ ଖୋଲିବାକୁ ସାହାସ ଜୁଟାଇ ପାରୁନାହାନ୍ତି । କମିଶନି କାରବାର ଏଥିପାଇଁ ପ୍ରତିବନ୍ଧକ ସୃଷ୍ଟି କରିଛି ବୋଲି ଚର୍ଚ୍ଚା ହେଉଛି । ଏହ ଚର୍ଚ୍ଚା ପୂର୍ତ୍ତ ବିଭାଗର କାର୍ଯ୍ୟର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠାରେ ୧୬ନଂ.ଜାତୀୟ ରାଜପଥର ଷଠିପୁରଠାରୁ ବୁଢା ନଦୀ ପର୍ଯ୍ୟନ୍ତ ୪ ଲେନ୍ ଓ ଏନ୍ଏଚ୍-୧୬ଠାରୁ ଅର୍ଦ୍ଧାଲୁଆ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ବିଶେଷକରି ୨୪.୯୮ କୋଟି ଟଙ୍କାର ଷଠିପୁର ଠାରୁ ଯାଜପୁର ପଟକୁ ବୁଢା ନଦୀ ବ୍ରିଜ୍ ନିକଟ ପର୍ଯ୍ୟନ୍ତ ୩.୪୦୦ କି.ମି. ୪ ଲେନ ରାସ୍ତା ନିର୍ମାଣର ମାସେ ନ ପୁରୁଣୁ ବିଭିନ୍ନ ସ୍ଥାନରେ ଦବି ଯାଇଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସଂପୃକ୍ତ ଠିକାଦାର ଦବି ଯାଇଥିବା ରାସ୍ତାଗୁଡିକର ଯେନେତେନ ମରାମତି କରି ବିଭାଗୀୟ ଯନ୍ତ୍ରୀଙ୍କୁ ସନ୍ତୁଷ୍ଟ କରି ନେଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଷଠିପୁର ରାସ୍ତା କାର୍ଯ୍ୟ ୩୦।୧୧।୨୦୨୧ରେ ଆରମ୍ଭ କରାଯାଇ ୨୯।୫।୨୦୨୩ରେ ସରିବା କଥା। କିନ୍ତୁ ରାସ୍ତା କାର୍ଯ୍ୟକୁ ଦେଖିଲେ ପ୍ରାୟ ୩୦ ପ୍ରତିଶତ କାମ ବାକି ପଡିଛି। ଏହି ରାସ୍ତା ସିଧାସଳଖ ଯାଜପୁର ସଦର ମହକୁମାକୁ ସଂଯୋଗ କରୁଛି। ବ୍ୟୟ ଅଟକଳ ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇ ନ ଥିବାରୁ ରାସ୍ତା ଅବସ୍ଥା ଦୁର୍ବଳ ହୋଇ ବିଭିନ୍ନ ସ୍ଥାନରେ ଧସି ପଡିଛି। ତେବେ ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବାରୁ ଏବେ ଠିକାସଂସ୍ଥା ଆଶୀର୍ବାଦ ଇଞ୍ଜିନିୟର ଏଣ୍ଡ କନଷ୍ଟ୍ରକ୍ସନ ପକ୍ଷରୁ ମୋରମ, ମେଣ୍ଟାଲ, ବାଲି ଆଦି ପକାଇ ଯେନତେନ ପ୍ରକାରେ ମରାମତି କରିଥିବା ଦେଖିବାକୁ ମିଳିଛି। ଏହି ମରାମତି ମଧ୍ୟ ଏତେ ନିମ୍ନମାନର ହୋଇଛି ଯେ, ପୁଣି ରାସ୍ତା ଧସି ଯିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ୨୦୨୨ ଓ ୨୦୨୩ରେ ୧୬ନଂ. ଏନ୍ଏଚ୍‌ଠାରୁ ବୈତରଣୀ ନଦୀବନ୍ଧର ଅର୍ଦ୍ଧାଲୁଆ ରାସ୍ତାର ଉନ୍ନତିକରଣ, କଂକ୍ରିଟୱାଲ ନିର୍ମାଣ ଓ ବାଲି ପୋତିବା ଇତ୍ୟାଦି କାର୍ଯ୍ୟରେ ୫ଟି ପ୍ରକଳ୍ପ ଜରିଆରେ ପ୍ରାୟ ୧୯୫ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏଥିରେ ବି ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ହେଲେ ପୂର୍ତ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ମତପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ଉପରେ ସରକାରଙ୍କ ଅତୁଟ ଭରସା ରହିଛି। କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ଏବଂ ସୁଦୃଢ଼ ନିର୍ମାଣରେ ବିଶ୍ୱାସ ରଖି ପୂର୍ତ୍ତ ବିଭାଗକୁ ଅନ୍ୟ ବିଭାଗର ଏକାଧିକ ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱ ନ୍ୟସ୍ତ କରାଯାଉଛି। କିନ୍ତୁ ଯାଜପୁର ଜିଲା ପାଣିକୋଇଲି ପୂର୍ତ୍ତ ଡିଭିଜନରେ ଏହାର ଓଲଟା ଚିତ୍ର ସାମ୍ନାକୁ ଆସିଛି।

ଏ ସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁ କୁହନ୍ତି, ରାସ୍ତା କାର୍ଯ୍ୟରେ କୌଣସି ଦୁର୍ନୀତି ହେଉନାହିଁ। ଷଠିପୁରଠାରୁ ବୁଢା ନଦୀ ରାସ୍ତା କାର୍ଯ୍ୟର ଉପଯୁକ୍ତ ଭାବେ ମରାମତି ହୋଇଛି।



ରାସ୍ତା ମରାମତି କରାଯାଉଛି ।

## ୭୦ ଟ୍ରକ୍‌କୁ କଳା ତାଲିକାଭୁକ୍ତ କଲା ପୋଲିସ

କାଳିଆପାଣି,୧୭।୯(ଅସିତ ମହାନ୍ତ):

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳକୁ କ୍ରୋମାଇଟ ଲୋଡିଂ ପାଇଁ ଆସିଥିବା ୭୦ ଟ୍ରକକୁ ମଙ୍ଗଳବାର କାଳିଆପାଣି ପୋଲିସ କଳାତାଲିକାଭୁକ୍ତ କରିଛି। ଟ୍ରକ୍‌ଗୁଡ଼ିକ ରାସ୍ତା ଅବରୋଧ କରୁଥିବା ଦର୍ଶାଇ ପୋଲିସ ଏହି ପଦକ୍ଷେପ ନେଇଛି। କ୍ରୋମାଇଟ ଲୋଡିଂ ପାଇଁ ସିରିଆଲ କରିବାକୁ ଟ୍ରକ୍‌ଗୁଡ଼ିକୁ ଟମକା-ମଙ୍ଗଳପୁର ରାସ୍ତାର କଲରଙ୍ଗୀ ଛକ ନିକଟରେ ଥିବା ପାର୍କିଂଠାରୁ କୁସୁମୁଣ୍ଡିଆ ପର୍ଯ୍ୟନ୍ତ ରାସ୍ତା କଡ଼ରେ ରଖାଯାଇଥିଲା। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଫାଷ୍ଟ କମ ଫାଷ୍ଟ ଲୋଡିଂ ନିୟମରେ ସିରିଆଲ ହେଉଥିବାବେଳେ ଟ୍ରକ୍ ମାଲିକମାନେ ପୋଲିସର ଟ୍ରାଫିକ ନିୟମ ମାନି ନ ଥିଲେ। ପୋଲିସର ଏହି ପଦକ୍ଷେପକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ କଳା ତାଲିକାଭୁକ୍ତ ହୋଇଥିବା ଟ୍ରକ୍‌ଗୁଡ଼ିକର ମାଲିକମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

## ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ଭଣ୍ଡୁର ଅଭିଯୋଗ



ଏନସି କଲେଜ୍ କ୍ଲାସ୍‌ରୁମ୍‌ରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଯାଜପୁର ଟାଉନ,୧୭।୯
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

**ଅଳ୍ପ ମହିଳାଙ୍କୁ ନେଇ ଏନସି କଲେଜ୍ କ୍ଲାସ୍‌ରୁମ୍‌ରେ ହେଲା ସଭା**

ଯାଜପୁର ବ୍ଲକ୍ ପକ୍ଷରୁ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଭଣ୍ଡୁର କରାଯାଇଛି। ଯାଜପୁର ବିଡିଓ କେତେଜଣ ବିଜେଡି ନେତାଙ୍କୁ ନେଇ ଏହି କାର୍ଯ୍ୟପନ୍ଥା ସ୍ଥିର କରିଥିଲେ ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯିବାକୁ ଥିବା ସୁଭଦ୍ରା ଯୋଜନା ଓ 'ସ୍ୱଚ୍ଛତା ହିଁ ସେବା' ଭଳି କାର୍ଯ୍ୟକ୍ରମକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବିବାଦ ଲାଗିରହିଥିଲା। ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ୫ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟୟବରାଦ କରିଥିଲେ। ଯାଜପୁର ବ୍ଲକ୍ ପକ୍ଷରୁ ଏଥିପାଇଁ ଏନସି କଲେଜ ପଡିଆରେ ୨ହଜାର ମହିଳାଙ୍କ ପାଇଁ ଟେଣ୍ଟ୍ କରାଯିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା। ମାତ୍ର ମଙ୍ଗଳବାର ସକାଳୁ ଏନ୍‌ସି କଲେଜ ପଡିଆରେ ସଭା କରା ନ ଯାଇ କଲେଜର ଏକ ରୁମ୍‌ରେ ଅଳ୍ପ କେତେକ ମହିଳାଙ୍କୁ ନେଇ ସଭା କରାଯାଇଛି। ଏ ସଂକ୍ରାନ୍ତରେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା ବିଡିଓଙ୍କ ବିରୋଧରେ ଅଭିଯୋଗ କରିବା ସହ ସରକାରଙ୍କ ପ୍ରଚାରପ୍ରସାର ନ କରିବା ପାଇଁ ବିଡିଓଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ଏ ଦିଗରେ ୫ଲକ୍ଷ ଟଙ୍କା ପ୍ରଦାନ କରିଥିବାବେଳେ ବିଡିଓ କେତେଜଣ ବିଜେଡି କର୍ମୀଙ୍କୁ ଧରି ଅଳ୍ପ ଅର୍ଥ ଖର୍ଚ୍ଚକରି ପ୍ରଦାନ କରାଯାଇଥିବା ଅର୍ଥକୁ ହରିଲୁଟ୍ କରିଛନ୍ତି। ବିଡିଓଙ୍କ କାର୍ଯ୍ୟକଳାପ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁଦୀପ୍ତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସଭା ନିମେନ୍ତ ପ୍ରଥମେ ଭାଜପା ସମର୍ଥକଙ୍କୁ ବିଡିଓ ଟେଣ୍ଟ୍ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଥିବାବେଳେ ସେଥିରେ ଗେରୁଆ ରଙ୍ଗର କପଡ଼ା ଲଗାଯିବାରୁ କେତେଜଣ ବିଜେଡି ସମର୍ଥକ ବିଡିଓଙ୍କୁ ଅଭିଯୋଗ କରିବା ସହ ଏହାକୁ ବନ୍ଦ କରିବା ପାଇଁ ଚାପ ପକାଇଥିଲେ। ପରେ କେତେଜଣ ବିଜେଡି ସମର୍ଥକଙ୍କୁ ଟେଣ୍ଟ୍ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବା ପାଇଁ ବିଡିଓ ଅନୁମତି ଦେଇଥିଲେ। ଏହାକୁ ନେଇ ବିବାଦ ଜୋରଦାର ହେବାପରେ ବ୍ଲକ୍ ପ୍ରଶାସନ ଏହାକୁ ନିଜେ କରିଥିଲା। ବ୍ଲକ୍ ପ୍ରଶାସନ ଏନ୍‌ସି କଲେଜ ପଡିଆରେ ଟେଣ୍ଟ୍ ମାରିବା ସହ ସମସ୍ତ କାର୍ଯ୍ୟପାଇଁ ତୟାରି ଆରମ୍ଭ କରିଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ।

ଛତିଆ,୧୭।୯(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଦୁଇ ଦିନ ଧରି ଯାଜପୁର ଜିଲାସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ ଉଭୟ ବାଳିକା ଓ ବାଳକ ବିଭାଗରେ ୧୦ ଦଳ ଏବଂ ୧୭ ବର୍ଷରୁ କମ ବାଳିକା ଏବଂ ବାଳକ ବିଭାଗରେ ୧୪ ଦଳର ୨୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ଅୟୋଜିତ ସଭାରେ ରଞ୍ଜନ କୁମାର ସାହୁ ମଞ୍ଚ ସଞ୍ଚାଳନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶାମ୍ଭୁନାଥ ଦାସ, ସମ୍ମାନିତ ଅତିଥି ଭାବେ ଛତିଆ ସରପଞ୍ଚ ରମେଶ ପୃଷ୍ଟି, ବଡ଼ଚଣା ମଣ୍ଡଳ ଶାରୀରିକ ଶିକ୍ଷା ସମ୍ପାଦକ ଗଗନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ହରିହର ବିଶ୍ୱାଳ, ପ୍ରବୋଧ କୁମାର ସାହୁ, ତନୁଶ୍ରୀ ସାମଲ, ଜ୍ୟୋତ୍ସ୍ନାରାଣୀ ବେହେରା, ସସ୍ମିତା ସ୍ୱାଇଁ, ଭବାନୀ ଶଙ୍କର ସେନାପତି, ମନୋଜ କୁମାର ସାହୁ, ଭବାନୀ ଶଙ୍କର ମହାପାତ୍ର, ସିଲୁ ପାଲ, ପ୍ରଦୀପ ସାମଲ, ଅମରେନ୍ଦ୍ର ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

### ଜଳଖିଆ ଦୋକାନ ଭିତରେ ପଶିଗଲା ହାଇୱା

ଯାଜପୁର ଟାଉନ,୧୭।୯

(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଏନ୍‌ସି କଲେଜ ନିକଟରେ ଏକ ବାଲିବୋଝେଇ ହାଇୱା ଜଳଖିଆ ଦୋକାନ ଭିତରକୁ ପସିଯାଇଛି। ଜଳଖିଆ ଦୋକାନରେ ମାଲିକ ଶୋଇଥିଲେ ମଧ୍ୟ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୋମବାର ରାତି ପ୍ରାୟ ୩ଟାରେ ଏହି ଘଟଣା ଘଟିଛି। ବରୁଆଁ ଆଡୁ ବାଲିବୋଝେଇ ହାଇୱା ନଂ.ଓଡି୨୨କେ-୨୨୯୫ ଆସୁଥିବାବେଳେ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟାଇଛି। ସୂଚନାଯୋଗ୍ୟ, ବାଲି ଯାଜପୁର ଜିଲାରୁ ଭଦ୍ରକ ଓ ବାଲେଶ୍ୱର ଜିଲାକୁ ଚାଲାଣ କରାଯାଉଛି। ପ୍ରାୟ ରାତି ସମୟରେ ଏହି ଗାଡିଗୁଡିକ ଯାଉଥିବାରୁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟୁଥିବା ଲକ୍ଷ୍ୟ କରାଯାଉଛି।



# ମହିଳାଙ୍କ ମନରେ ଉତ୍ସାହ ଭରିଲା ସୁଭଦ୍ରା



ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ।

ବରୀ,୧୭।୯(ମହେନ୍ଦ୍ର ସ୍ୱାଇଁ):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶୁଭାରମ୍ଭ କରିଛି। ଏହା ମହିଳାଙ୍କ ମନରେ ବେଶ୍ ଉତ୍ସାହ ଭରିଛି। ଏହି ଅବସରରେ ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ପଞ୍ଚାନନ ମଲ୍ଲିକ, ଏବିଡିଓ ମହେଶ୍ୱର ସେଠୀ, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଗୀତା ଏକ୍କା, ମିଶନ ଶକ୍ତିର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ସଂଯୋଜକ ସଂଗ୍ରାମ ବେହେରା ମଞ୍ଚାସୀନ ଥିଲେ। ଆବେଦନକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ବ୍ଲକ୍ ମୁଖ୍ୟକିରାଣି ସରୋଜ କୁମାର ମହାନ୍ତି, ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡା, ରାକେଶ ମଲ୍ଲିକ, ଦୁର୍ଗାପ୍ରସାଦ ସାହୁ, ଜଗନ୍ନାଥ ମାଝୀ, କୃଷ୍ଣଚନ୍ଦ୍ର ଓରାମ, କୋଷାଧକ୍ଷ ଅଶୋକ କୁମାର ସ୍ୱାଇଁ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଯେନା, ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ସୁପର ଭାଇଜର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଓ ମିଶନ ଶକ୍ତିର ସଭ୍ୟାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଧର୍ମଶାଳା,(ବଟକୃଷ୍ଣ ପରିଡ଼ା):**

ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ମହିଳାମାନେ ଲାଇଭ ଟେଲିକାଷ୍ଟ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ। କାର୍ଯ୍ୟକ୍ରମରେ ସୋରେଇ ନୋଡାଲ ସ୍କୁଲ୍, ଜାରକା ୟୁପି ସ୍କୁଲ, କୁମାରୀ ନୋଡାଲ ସ୍କୁଲ୍, ନାଉପାଳ ୟୁପି ସ୍କୁଲ, ନେଉଳପୁର ନୋଡାଲ ସ୍କୁଲ, ରଥିଆ ୟୁପି ସ୍କୁଲ ଛାତ୍ରୀମାନେ ଯୋଗଦେଇ ଯୋଜନା ଉପରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ କାର୍ଯ୍ୟକ୍ରମକୁ ତଦାରଖ କରିଥିବାବେଳେ ତହସିଲଦାର ଶୁଭଙ୍କର ମହାନ୍ତି, ସିଡିପିଓ ସ୍ୱର୍ଣ୍ଣରେଖା ବେହେରା, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଏବିଡିଓ ଅସିତ କୁମାର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା, ଜିପିଡିଓ ରୋଜାଲିନ ପଣ୍ଡା ପ୍ରମୁଖ ସଞ୍ଚାଳନ କରିଥିଲେ। ସମାବେଶରେ ବ୍ଲକ ଅଧୀନ ୪୫ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସିଆର୍‌ପି, ଏମବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ର, ଅଙ୍ଗନୱାଡି କର୍ମୀ ଓ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବା ମହିଳାମାନେ ଉପସ୍ଥିତ ଥିଲେ।



ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ସମାବେଶରେ ଯୋଗଦେଇଥିବା ମହିଳାମାନେ ।

**ଚଣ୍ଡିଖୋଲ/ବଡ଼ଚଣା, (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ସୁଭଦ୍ରା ଯୋଜନା ଶୁଭାରମ୍ଭ ଅବସରରେ ବଡ଼ଚଣା ବ୍ଲକ ଅଧୀନ ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରବୀନ୍ଦ୍ର ପ୍ରଧାନଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମହିଳାମାନେ ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଭିଡିଓ କନଫେରନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଯୋଜନା ଶୁଭାରମ୍ଭ କରିବା ପରେ ସମାବେଶରେ ଯୋଗଦେଇଥିବା ବହୁ ମହିଳାଙ୍କ ମୋବାଇଲକୁ ଟଙ୍କା ଆସିଥିବାର ମ୍ୟାସେଜ ଆସିଥିଲା। ଫଳରେ ବହୁ ମହିଳା ଖୁସି ହେବା ସହ ଭାବ ବିହ୍ୱଳ ହୋଇପଡ଼ିଥିଲେ। କାର୍ଯ୍ୟକ୍ରମରେ ଦର୍ପଣ ତହସିଲଦାର ସାନସ ତ୍ରିପାଠୀ, ଭାଜପା ଜିଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନ, ବଡ଼ଚଣା ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ପ୍ରମିତା ରାଉତ, ବିଶ୍ୱବିଜୟୀ ବ୍ରହ୍ମ, ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ ଓ ଜିପିଓ ସୁରେଶ ପଣ୍ଡାଙ୍କ ସମେତ ବ୍ଲକ୍‌ର ସମସ୍ତ ସିଆର୍‌ପି, ଏମ୍‌ବିକେ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରେ ବିଡିଓ ବ୍ଲକର ବହୁ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଦେବା ସହ କେତେଜଣ ହିତାଧିକାରୀଙ୍କୁ ଗୃହନିର୍ମାଣର ଶେଷ ବିଲ ପ୍ରଦାନ କରିଥିଲେ।



ବଡ଼ଚଣା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ସମାବେଶରେ ମହିଳାମାନେ ସୁଭଦ୍ରା ଟଙ୍କା ଆସିଥିବାର ମୋବାଇଲ ମ୍ୟାସେଜ ଦେଖାଉଛନ୍ତି ।

# ସ୍କୁଲ ପଡ଼ିଆରେ ସୁଭଦ୍ରା ସମାବେଶ, ପାଠପଢ଼ାରେ ବ୍ୟାଘାତ

ପଟ୍ଟାମୁଣ୍ଡାଇ,୧୭।୯(କଳ୍ପତରୁ ନାୟକ)

ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନାର ଶୁଭାରମ୍ଭ ମଙ୍ଗଳବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ପୌରାଞ୍ଚଳ ଓ ବ୍ଲକର ବିଶିଷ୍ଟ ଅତିଥି, ହିତାଧିକାରୀ ମହିଳା ଓ ଅନ୍ୟ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ସମାବେଶ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାୟ ୩ଘଣ୍ଟା ଧରି ଚାଲିଥିଲା। ସଭାରେ ଅତି ଉଚ୍ଚ ମାଇକ୍ ବ୍ୟବସ୍ଥା ମଧ୍ୟ କରାଯାଇ ବାଜୁଥିଲା। ମାତ୍ର ସମାବେଶକୁ ଲାଗି ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ଚାଲୁଥିଲା। ଉକ୍ତ ଶବ୍ଦ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଏ ନେଇ ପ୍ରଧାନ ଶିକ୍ଷକ, ଏବିଇଓ ସଭାସ୍ଥଳକୁ ଯାଇ ସାଉଣ୍ଡ କମ୍ କରିବାକୁ ବିଡିଓ ଓ ମାଇକ୍ ଅପରେଟରଙ୍କୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି।


ଏବିଇଓ ମାଇକ୍ ସାଉଣ୍ଡ କମାଇବା ଲାଗି ଅପରେଟରଙ୍କୁ କହୁଛନ୍ତି।

ଏପରି ସଭା ପଟ୍ଟାମୁଣ୍ଡାଇର ଅନ୍ୟ ସ୍ଥାନରେ ବି ହୋଇପାରିଥାନ୍ତା ବୋଲି ଅଭିଭାବକମାନେ ମତପ୍ରକାଶ କରିଛନ୍ତି।

ଶିକ୍ଷା ବିଭାଗର ଗାଇଡ୍‌ଲାଇନ ଅନୁଯାୟୀ, ବିଦ୍ୟାଳୟରେ କ୍ଲାସ ଚାଲୁଥିବାବେଳେ କୌଣସି କାର୍ଯ୍ୟକ୍ରମ ପାଇଁ ଅନୁମତି ମିଳିବ ନାହିଁ। ଏପରି ସରକାରୀ ନିୟମ ଥିବାବେଳେ କିପରି ପଟ୍ଟାମୁଣ୍ଡାଇ ପୌର ଓ ବ୍ଲକ ପ୍ରଶାସନ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ସଭାର ଆୟୋଜନ କଲେ ତାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଶିକ୍ଷା ବିଭାଗ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ ପାଇଁ ମାଧ୍ୟମିକ କିମ୍ବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କିମ୍ବା ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଏନ୍‌ଓସି ଆଣିବା ଆବଶ୍ୟକ। ମାତ୍ର ପୌର ନିର୍ବାହୀ ଅଧିକାରୀ ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ଏକ ଚିଠି କରିଥିଲେ। ସ୍କୁଲରୁ ଏ ନେଇ କୌଣସି ଏନ୍‌ଓସି ଦିଆଯାଇ ନ ଥିବାବେଳେ କିପରି ପୌରନିର୍ବାହୀ ଅଧିକାରୀ ଓ ବିଡିଓ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଦ୍ୟାଳୟ ଖେଳ ପଡ଼ିଆକୁ ବ୍ୟବହାର କଲେ ତାକୁ ନେଇ ଅଭିଭାବକ ମହଲରେ ଦୃଢ ନିନ୍ଦା କରାଯାଇଛି। ଏ ବାବାଦରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ସରକାରୀ କାର୍ଯ୍ୟକ୍ରମ ହୋଇଥିଲା, ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଚିଠି କରିଛି। ଏ ସମ୍ପର୍କରେ ଡିଇଓ ପ୍ରଦୀପ ନାଥଙ୍କୁ ପଚାରିବାରେ ସରକାରୀ କାର୍ଯ୍ୟକ୍ରମ ଜିଲାପାଳ କରାଉଥିଲେ, ତେଣୁ ମୁଁ କିଛି କରିପାରିବି ନାହିଁ।

# ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

ଡେରାବିଶ, ୧୭।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶଠାରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ୩ ହଜାର ମହିଳା ଯୋଗ ଦେଇଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହୋଇ ନ ଥିବାରୁ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର କର୍ମକର୍ତ୍ତା ଅଧିକ ସଂଖ୍ୟାରେ ଯୋଗ ଦେଇଥିଲେ। ଏ ବିଷୟରେ ବିପିଏଲଏଫ୍‌ର ସମ୍ପାଦିକା ମନୋରମା ରାଉତଙ୍କୁ ପଚାରିବାରୁ ବ୍ଲକ ପରିସରରେ ମିଶନ ଶକ୍ତିର କାଫେ ଥିବାବେଳେ ବାହାରେ ଜଣେ ଲୋକଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରିବାକୁ ଦିଆଯାଇଥିଲା। ତାହା ପୁଣି ମିଶନ ଶକ୍ତି ମୁଖ୍ୟ ଫାଟକକୁ ଅବରୋଧ କରି ରୋଷେଇ କରାଯିବା ଦ୍ୱାରା କାର୍ଯ୍ୟାଳୟ ମଧ୍ୟକୁ କୌଣସି କର୍ମକର୍ତ୍ତା ଯାଇ ପାରି ନ ଥିଲେ। ଏ ସଂକ୍ରାନ୍ତରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ କାଫେରେ ଭଲ ରୋଷେଇ ହେଉ ନ ଥିବାରୁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନଙ୍କ ପାଇଁ ବାହାରେ ରୋଷେଇ କରାଯାଉଛି। ବର୍ଷା ପାଇଁ ସେ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ରୋଷେଇ କରାଯାଉଥିବା କହିଛନ୍ତି। ତେବେ ବର୍ଷା ନ ଥିବାବେଳେ ପ୍ରଚଣ୍ଡ ଖରା ହୋଇଥିଲା। ଅନ୍ୟସ୍ଥାନରେ ରୋଷେଇ ହୋଇପାରିଥାନ୍ତା ବୋଲି ବିପିଏଲ୍‌ଏଫ୍‌ର ସମ୍ପାଦିକା ରାଉତ ବିଡିଓଙ୍କୁ କହିଥିଲେ ମଧ୍ୟ ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିପିଏଲ୍‌ଏଫ୍‌ର ସମସ୍ତ କର୍ମକର୍ତ୍ତା ଓ କିଛି ମହିଳା ସଦସ୍ୟା କାର୍ଯ୍ୟକ୍ରମରେ ଯୋଗ ନ ଦେଇ ଘରକୁ ଫେରି ଆସିଥିବା କଥା ରାଉତ ସୂଚନା ଦେଇଛନ୍ତି।


ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ରୋଷେଇ କରି ମହିଳାମାନେ ଖାଉଛନ୍ତି।

# ଗୁଜରାଟରୁ ଫେରିବା ବାଟରେ ୪ ଦିନ ହେଲା ଯୁବକ ନିଖୋଜ

ରାଜନଗର, ୧୭।୯ (ଭାସ୍କର ରାଉତରାୟ)



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ଶହଶହ ଯୁବକ ପରିବାର ପ୍ରତିପୋଷଣ ନିମିତ କାମ ଅନ୍ୱେଷଣରେ ଭିଟାମାଟି ଛାଡି ଦେଶଠାରୁ ବିଦେଶ ପର୍ଯ୍ୟନ୍ତ ସବୁଠି ଦାଦନ ଜୀବନ ବିତାଉଛନ୍ତି। ଅନେକ ସମୟରେ ଏମାନେ ନିଜ କର୍ମଭୂମିରେ କାମ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି ତ ଅନେକେ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ଗୁଜରାଟରୁ ଭୁବନେଶ୍ୱର ଆସିବା ବାଟରେ ୪ଦିନ ହେଲା ନିଖୋଜ ହୋଇଯାଇଛନ୍ତି। ଯାହାକୁ ନେଇ ତାଙ୍କ ପରିବାର ଲୋକଙ୍କ ଆଶଙ୍କା ଭିତରେ ଦିନ ଗଣୁଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଘଡ଼ିଆମାଳ ପଞ୍ଚାୟତ ବଳରାମପୁର ଗାଁର କୃପାସିନ୍ଧୁ ବେହେରାଙ୍କ ପୁଅ କମଳାକାନ୍ତ (୩୨) କାମଧନ୍ଦା ନ ପାଇ ରାଜ୍ୟ ବାହାରେ କାମ କରନ୍ତି। ୪ ମାସ ତଳେ ଗୁଜରାଟରେ ପ୍ଲାଏଉଡ କାରଖାନାରେ କାମ କରିବାକୁ ଯାଇଥିଲେ। ଗତ ୧୨ ତାରିଖରେ ଗୁଜରାଟରୁ ଭାଲସାଡପୁରୀ ଏକ୍ସପ୍ରେସରେ ଭୁବନେଶ୍ୱର ଆସୁଥିଲେ। ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇ ଘରକୁ ଅସିଥାନ୍ତେ।୧୪ ତାରିଖ ସକାଳେ ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇଥାନ୍ତେ। ଟ୍ରେନରେ ବସିବାର ଫଟୋ ଘରକୁ ପଠାଇଥିବା ବେଳେ ୧୪ ତାରିଖ ଦିନ ସକାଳେ ପ୍ଲାଟଫର୍ମରେ ଚାଲୁଥିବା ସମୟରେ ଘରକୁ ଭିଡିଓ କଲ କରିଥିଲେ। ସ୍ତ୍ରୀ ଭିଡିଓ କଲ ଉଠାଇ କଥା ଆରମ୍ଭ କରିବା ମାତ୍ରେ ଫୋନଟି କଟି ଯାଇଥିଲା। ତା’ପରଠୁଁ କମଳାକାନ୍ତଙ୍କ ଫୋନ ସୁଇଚ ଅଫ୍ ଥିବାବେଳେ ସେ ଆଜିଯାଏ ଘରକୁ ଫେରିନାହାନ୍ତି। ସେଦିନ ସେ ସ୍ତ୍ରୀଙ୍କ ସହ ଭିଡିଓକଲରେ ଭୁବନେଶ୍ୱର ଷ୍ଟେଶନରୁ ନା ଅନ୍ୟ କେଉଁ ଷ୍ଟେଶନର ପ୍ଲାଟଫର୍ମରୁ କଥା ହେଉଥିଲେ, ତାହା ସ୍ପଷ୍ଟ ହୋଇନି। ଯଦି ଭୁବନେଶ୍ୱରରେ ଓହ୍ଲାଇ ସାରିଥିଲେ, ୧୪୦ କିମି ଦୂର ଘରକୁ ୪ଦିନ ହେଲା ଫେରିନାହାନ୍ତି। ତାଙ୍କର ଫୋନ ୪ଦିନ ହେଲା ସୁଇଚଅଫ୍ ଥିବାରୁ ପରିବାରରେ ଚୁଲି ଜଳୁନି। ପରିବାର ଲୋକେ ଖୋଜାଖୋଜି କରିବା ପରେ ନ ପାଇ ମଙ୍ଗଳବାର ଥାନାରେ ପହଞ୍ଚି ଥିଲେ। ଜିଆରପି ଥାନାରେ ଅଭିଯୋଗ କରିବାକୁ ପୋଲିସ ତାଙ୍କୁ ପରାମର୍ଶ ଦେଇଛି। ତାଙ୍କ ଫୋନ କାହିଁକି ସୁଇଚ୍ ଅଫ ଅଛି, ନା ରେଲୱେ ଷ୍ଟେଶନରୁ ତାଙ୍କୁ କିଏ ଅପହରଣ କରିଛି, ନା ଅନ୍ୟ କିଛି କାରଣ ରହିଛି, ତାହା ଏଯାଏ ସ୍ପଷ୍ଟ ହୋଇନି।

# ୨୪ ଘଣ୍ଟା ପରେ ବି ଅଜାମ୍ବରଙ୍କ ପତ୍ତା ମିଳୁନି

## ଖରସ୍ରୋତା ନଦୀ କୂଳରୁ କୁମ୍ଭୀର ଝାମ୍ପି ନେବା ଘଟଣା

ଆଳି, ୧୭।୯ (ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଅଜାମ୍ବର ନାୟକଙ୍କୁ ସୋମବାର ଖରସ୍ରୋତା ନଦୀ କୂଳରୁ କୁମ୍ଭୀର ଝାମ୍ପି ନେଇଥିଲା। ଏହି ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିବା ବେଳେ ତାଙ୍କର ପତ୍ତା ମିଳିନି। ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଓଡ୍ରାଫ ଟିମ୍ ସହ ଗ୍ରାମବାସୀ ଭୁଟୁଭୁଟି ସାହାଯ୍ୟରେ ଖୋଜାଖୋଜି କରି ନିରାଶ ହୋଇଥିବାବେଳେ ମଙ୍ଗଳବାର ମଧ୍ୟ ନଦୀରେ ଖୋଜା ଖୋଜି କରିଥିଲେ। ଅଜାମ୍ବରଙ୍କୁ କୁମ୍ଭୀର ଝାମ୍ପିନେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ପରିବାରକୁ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଭେଟିଛନ୍ତି। ବିଧାୟକ ଦେବ ଶୋକସନ୍ତପ୍ତ ପରିବାରକୁ ଶାନ୍ତନା ଦେବା ସହ ସରକାରୀ ସ୍ତରରେ କିପରି ସହାୟତା ରାଶି ମିଳିବ ସେ ନେଇ ଚେଷ୍ଟା କରିବେ ବୋଲି କହିଛନ୍ତି। ଏହି ସମୟରେ ପଞ୍ଚାୟତର ସରପଞ୍ଚ ହେମନ୍ତ ଧଳ, ରବୀନ୍ଦ୍ର ମହାନ୍ତି, ସମିତିସଭ୍ୟ ସୁବାସ ବାରିକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଆଳି ଯାଦବ ସମିତି ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ଭେଟି ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# କଦଳୀଭେଳାରେ ମା’ ମନସା ଦେବୀ

- ଗଳାରେ ମାନସିକ ବ୍ରତଧାରୀଙ୍କ ଟଙ୍କା ହାର
- ଦାନରେ ମିଳୁଥିବା ସମସ୍ତ ଭୋଗ, ପଇସା, ସାମଗ୍ରୀ ନଦୀରେ ବିସର୍ଜନ

ମହାକାଳପଡ଼ା, ୧୭।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସର୍ପ ଦଂଶନରୁ ମୁକ୍ତି ପାଇଁ ବଙ୍ଗୀୟ ସମାଜର ଶ୍ରଦ୍ଧାଳୁମାନେ ମା’ ମନସା ଦେବୀଙ୍କ ଚରଣରେ ଶରଣାପନ୍ନ ହୋଇଥାନ୍ତି। ମା’ ମନସାଙ୍କୁ ନଦୀରେ କଦଳୀ ଭେଳାରେ ଦର୍ଶନ ଓ ପୂଜାର୍ଚ୍ଚନା କଲେ ପରିବାର ସହିତ ବିଶ୍ୱର ମଙ୍ଗଳ ହୋଇଥାଏ ବୋଲି କହିଛନ୍ତି ସ୍ଥାନୀୟ ଶ୍ରଦ୍ଧାଳୁମାନେ। ମା’ଙ୍କ ମସ୍ତକରେ ୮ ଭାଇ ଅଷ୍ଟ ଫେଣାରେ ବିରାଜିତ। ସେମାନେ ହେଲେ ବାସୁକି, ପଦ୍ମ, ମହାପଦ୍ମ, ତକ୍ଷ, କୁଳିର, କର୍କଟ, ଶଙ୍ଖ, ଅନନ୍ତ ଦଣ୍ଡାୟମାନ। ମା’ଙ୍କ ପାର୍ଶ୍ୱରେ ବିଭିନ୍ନ ପାଟ ଦେବଦେବୀ ପୂଜା ପାଆନ୍ତି। ମାନସିକ ବ୍ରତଧାରୀମାନଙ୍କ ପରିବାର ସମେତ ଜଗତର ମଙ୍ଗଳ କାମନା କରି ମା’ ଗଳାରେ ଟଙ୍କା ଓ ବିଭିନ୍ନ ଫୁଲ ହାର ଅର୍ପଣ କରାଯାଏ। ଏହି ପୂଜା ପ୍ରତିବର୍ଷ କନ୍ୟା ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ବିଶେଷ କରି ମା’ଙ୍କଠାରେ ବିଭିନ୍ନ ଫଳ ଫୁଲୁରି, ଚିନିରେ ପ୍ରସ୍ତୁତ ବାତସା ଭୋଗ ଲାଗି କରାଯାଏ। ଶେଷରେ ବିସର୍ଜନ ପର୍ବରେ କଦଳୀ ଭେଳାରେ ପଣା ଭୋଗ ନୈବେଦ୍ୟ, ସମସ୍ତ ଦାନ ସାମଗ୍ରୀକୁ ମା’ଙ୍କ ଉଦ୍ଦେଶ୍ୟରେ ନଦୀରେ ଭସାଇ ଦିଆଯିବା ପରମ୍ପରା ରହିଛି। ତେବେ ନଦୀରେ ଭେଳା ବିସର୍ଜନ ପରେ କୌଣସି ଲୋକ ଏହି ପଣା ଭୋଗ ଓ ପଇସା ପତ୍ର ବିସର୍ଜନ ହୋଇଥିବା ସାମଗ୍ରୀକୁ ଲୋଭର ବଶବର୍ତ୍ତୀ ହୋଇ ଭେଳାରୁ ନେଇଥାଏ, ତାହାହେଲେ ଉକ୍ତ ଲୋକର ପ୍ରଭୂତ କ୍ଷତି ହୋଇଥାଏ ବୋଲି ନଜିର ରହିଛି। କିଛିବର୍ଷ ପୂର୍ବେ ମହାନଦୀରେ ମା’ଙ୍କ ବିସର୍ଜନ ହୋଇଥିବା ଭେଳାରୁ ଟଙ୍କା ପଇସା ଓ ଭୋଗ ଖାଇବାର ଦିନକ ପରେ କେତେଜଣ ପାହିଆ ଚାଷୀମାନଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ଏହି ଘଟଣାରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଥିଲା। ଫଳରେ ସେଦିନଠାରୁ ମା’ଙ୍କ ବିସର୍ଜନ ସାମଗ୍ରୀକୁ ନେବାକୁ ଭୟ ରହିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ବଙ୍ଗୀୟ ରୀତିନୀତି ବିଧି ମା’ ମନସା ପୂଜା ପାଉଛନ୍ତି ଓ ମୁଖ୍ୟ ପର୍ବ ବୋଲି ଆୟୋଜକ କର୍ମକର୍ତ୍ତା କହିଛନ୍ତି।


ବଡିଘର ପଞ୍ଚାୟତ ଖୋଳା ନଦୀରେ ମା’ ମନସା ଦେବୀ କଦଳୀ ଭେଳାରେ ବିରାଜିତ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଙ୍ଗୀୟ ଅଧ୍ୟୁଷିତ ମହାନଦୀ ଶାଖା ବଡିଘରର ଦକ୍ଷିଣ ଖୋଳା ନଦୀ, ହରିଆବାଙ୍କ ଗଳିଆ ନଦୀ, ଆମ୍ବ ବେଲାରୀ, ତନ୍ତିଆପାଳ, ଜମ୍ବୁ, ସୁନିତି ଅଞ୍ଚଳରେ ମା’ ମନସା ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି ପେଟଛେଲା ପଞ୍ଚାୟତର ହବାଲିପାହିସ୍ଥିତ ରାମଚଣ୍ଡୀ ଗଳିଆ ନଦୀ ୨୦ତମ ବାର୍ଷିକ ସାର୍ବଜନିକ ମା’ମନସା ଦେବୀଙ୍କ ପୂଜାର୍ଚ୍ଚନାକୁ ବରିଷ୍ଠ ମୁରବୀ, ବୁଦ୍ଧିଜୀବୀ ପ୍ରମୁଖ ଆୟୋଜିତ କରିଥିଲେ। ଏହି ପୂଜା ମଣ୍ଡପରେ ଜିଲା ତଥା ଜିଲା ବାହାର ପଡ଼ୋଶୀ ପାରାଦୀପ, କୁଜଙ୍ଗ, ରାଜନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, କୋଲକାତା, ମେଦିନାପୁର, କାନ୍ଥି, ଦୀଘା, ଚବିଶ ପ୍ରଗଣା ଆଦି ଅଞ୍ଚଳରୁ ବହୁସଂଖ୍ୟାରେ ବଙ୍ଗୀୟ ଶ୍ରଦ୍ଧାଳୁମାନେ ବନ୍ଧୁ ପରିଜନମାନଙ୍କ ଘରକୁ ଆସନ୍ତି। ଏମାନଙ୍କ ଘରେ ଘରେ ବନ୍ଧୁ ପରିଜନ ଶ୍ରଦ୍ଧାଳୁମାନେ ମା’ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥାନ୍ତି। ଏହି ପୂଜାରେ ନୂଆ ବସ୍ତ୍ର ପରିଧାନ କରି ପିଠା ପଣା ଖିରି, ପୁରି ଭୂରି ଭୋଜନ କରିଥାନ୍ତି। ମା’ଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପାଇଁ ବିଭିନ୍ନ ନେତୃମଣ୍ଡଳୀ ଯୋଗଦେଇ ଆଶିଷ ଭିକ୍ଷା କରିଥାନ୍ତି। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ୍ ଡ. ଗନ୍ଧର୍ବ ନାୟକ, ସମିତିସଭ୍ୟ ରଞ୍ଜନ ଚୌଧୁରୀ, ପ୍ରତାପ ଦାସ, କ୍ରିଷ୍ଣପଦ ମଣ୍ଡଳ, ଅଞ୍ଜନ କୁମାର ସାମଲ ପ୍ରମୁଖ ଯୋଗଦେଇ ମା’ଙ୍କ ଆଶିଷ ଭିକ୍ଷା କରିଥିଲେ।

# ଆଜି ଚାଷୀ ପଦଯାତ୍ରା ଭୁବନେଶ୍ୱର ଯିବ

- ବରୁଣା ପାକ୍ସରେ ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା
- ଅଷ୍ଟମ ଦିନରେ ଆମରଣ ଅନଶନ

ରାଜକନିକା,୧୭।୯(ସଞ୍ଜୟ କୁମାର ଦାଶ)

ବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣାରେ ବରୁଣା ପାକ୍ସର ସମ୍ପାଦକ ଓ ପୂର୍ବତନ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକଙ୍କ ବିରୋଧରେ ୧୩ ଜଣ ଚାଷୀ ରାଜକନିକା ଥାନାରେ ଏତଲା ଦେଇଥିଲେ। ପରେ କୌଣସି କାର୍ଯ୍ୟାନୁଷ୍ଠାନ ପ୍ରଶାସନ ନ ନେବାରୁ ସେପ୍ଟେମ୍ବର ୧୦ରୁ ଆମରଣ ଅନଶନ ଜାରି ରହିଛି। ମଙ୍ଗଳବାର ଅନଶନ ଅଷ୍ଟମ ଦିନରେ ପହଞ୍ଚି ଥିବାବେଳେ, କାହା ଚାପରେ ପ୍ରଶାସନ ଚୁପ୍ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଲାଣି। ଚାଷୀଙ୍କ ସ୍ୱାର୍ଥ ପାଇଁ ପେଗରପଡ଼ା ସମିତିସଭ୍ୟ ପ୍ରବେଶନ ମଲିକ ୮ଦିନ ହେବ ଅହୋରାତ୍ର ଆମରଣ ଅନଶନରେ ବସିଛନ୍ତି। ହେଲେ ସରକାରଙ୍କ ନିଦ ଭାଙ୍ଗୁନି ବୋଲି ସାଧାରଣ ଲୋକେ କୁହାକୁହି ହେଉଛନ୍ତି। କୌଣସି ନ୍ୟାୟ ନ ମିଳିବାରୁ ବୁଧବାର କୃଷକ ନେତା ରାଜନାରାୟଣ ଜେନାଙ୍କ ନେତୃତ୍ୱରେ ଅନଶନକାରୀ, ଅଭିଯୋଗକାରୀଙ୍କୁ ନ୍ୟାୟ ଦେବାକୁ ଆଳି ନିର୍ବାଚନମଣ୍ଡଳୀର ସମସ୍ତ ପାକ୍ସର ସିଏଜି ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ନିବେଦନ ପାଇଁ ଚାଷୀ, ଯୁବତୀଯୁବକ ଓ ବୁଦ୍ଧିଜୀବୀମାନେ ରାଜକନିକାରୁ ଭୁବନେଶ୍ୱର ଚାଷୀ ପଦଯାତ୍ରା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦେଇଛନ୍ତି। ଅନଶନସ୍ଥଳରେ ଚାଷୀ ସୂର୍ଯ୍ୟମଣି ସାହୁ, ଅରବିନ୍ଦ ମଥାନ, ବାପି ରଣା, ଭରତ ବାରିକ, ରଜତ ଦାସ, ପବିତ୍ର ମୋହନ ମିଶ୍ର, ସଞ୍ଜୟ ନାୟକ, ସଂଗ୍ରାମ ମଲ୍ଲିକ, ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ୪୩ତମ ସ୍ମରଣ ଉତ୍ସବ

ରାଜନଗର, ୧୭।୯ (ଭାସ୍କର ରାଉତରାୟ)

ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ରାଜନଗରର ସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟିରେ ୪୩ତମ ସ୍ମରଣ ଉତ୍ସବ ଶ୍ରଦ୍ଧାଳୁ, ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଯାଇଛି। ପବିତ୍ର ଅନନ୍ତ ଚତୁର୍ଦ୍ଦଶୀରେ ବାବାଙ୍କର ତିରୋଧାନ ହୋଇଥିଲା। ନାମାଚାର୍ଯ୍ୟ ବାୟାବାବାଙ୍କ ତିରୋଧାନ ଦିବସକୁ ରାଜ୍ୟ ତଥା ଅନ୍ୟ ପ୍ରଦେଶରେ ରହିଥିବା ବାବାଙ୍କ ଆଶ୍ରମରେ ସ୍ମରଣ ଉତ୍ସବ ଭାବେ ପାଳିତ ହୋଇ ଆସୁଅଛି। ବାବାଙ୍କ ଜନ୍ମମାଟି କେରେଡ଼ାଗଡ଼ରେ ଥିବା ଆଶ୍ରମରେ ଥିବା ବାବାଙ୍କ ପ୍ରତିମୂର୍ତ୍ତିକୁ ନୈବେଦ୍ୟ ମାଧ୍ୟମରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଜନକୃଷ୍ଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ୧୦୮ କଳସ ଶୋଭାଯାତ୍ରାରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରାଯାଇ ମହାସ୍ନାନ କରାଯାଇଥିଲା। ପରେ ବିଷ୍ଣୁ ସହସ୍ର ନାମ, ବାବାଙ୍କ ସ୍ୱରଚିତ ଭଜନ ଏବଂ ତାଙ୍କ ଦିବ୍ୟବାଣୀ ସମ୍ବନ୍ଧରେ କଥାସେବକ ଶ୍ରୀତଲଙ୍ଗ ଦୀକ୍ଷାନ୍ତ ପ୍ରବଚନ ମାଧ୍ୟମରେ ଉପସ୍ଥିତ ଭକ୍ତମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ଅନନ୍ତ ଚରଣ ରାଉତ, ନଟବର ରାଉତ, ପ୍ରଦୀପ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବାବାଙ୍କ ଆଶ୍ରିତ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇଥିଲେ। ସେହିପରି ମହିଁଷାସୁର ଆଶ୍ରମରେ ବାବାଙ୍କ ସ୍ମରଣ ଉତ୍ସବ ପାଳନ କରାଯାଇଛି।

# ମହିଳାଙ୍କ ସାମଗ୍ରିକ ବିକାଶ ପାଇଁ ସୁଭଦ୍ରା ଯୋଜନା

କେନ୍ଦ୍ରାପଡ଼ା, ୧୭।୯ (ଜଗନ୍ନାଥ ଧଳ)

ରାଜ୍ୟ ସରକାରଙ୍କ ବହୁ ଚର୍ଚ୍ଚିତ ସୁଭଦ୍ରା ଯୋଜନାକୁ ଭୁବନେଶ୍ୱରଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହାର ସିଧା ପ୍ରସାରଣ କେନ୍ଦ୍ରାପଡ଼ା ଜିଲାର ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ଓ ପୌର ପରିଷଦ ପକ୍ଷରୁ ମାଉସୀ ମା’ ମନ୍ଦିର ରଥଦାଣ୍ଡରେ ଏହାର ସିଧା ପ୍ରସାରଣ ହୋଇଥିଲା। ଏଥିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଆକାଂକ୍ଷିତ ଯୋଜନା। ଏହାଦ୍ୱାରା ମହିଳାଙ୍କ ସାମାଜିକ ବିକାଶ ସହ ଆର୍ଥିକ ସହଯୋଗ ମିଳିପାରିବ। ଜିଲାର ୫ ଲକ୍ଷରୁ ଉର୍ଦ୍ଧ୍ୱ ଏହାର ହିତାଧିକାରୀ ଅଛନ୍ତି। ସମସ୍ତ ଯୋଗ୍ୟ ମହିଳାଙ୍କୁ ଯୋଜନାରେ ସାମିଲ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ୬ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଆଦେଶ ଓ ୨୨୫ଜଣଙ୍କୁ ଗୃହ ପ୍ରବେଶ ନିମନ୍ତେ ଅନୁମତି ଦିଆଯାଇଥିଲା।


କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ ସୁଭଦ୍ରା ଯୋଜନା ସମାବେଶରେ ଉପସ୍ଥିତ ମହିଳା ଓ ଅନ୍ୟମାନେ।

**ଡେରାବିଶ, (ବେବର୍ତ୍ତା ଅଜୟ ଦାସ):** ସୁଭଦ୍ରା ଯୋଜନା ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ତଥା ସୁଭଦ୍ରା ଯୋଜନାର ନୋଡାଲ ଅଧିକାରୀ ଶ୍ରୀନିବାସ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ଦାଶରଥି ଜେନା, ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ବିଇଓ ଶ୍ରୀକାନ୍ତ ବେହେରା ଯୋଗଦେଇଥିଲେ।

**ପାଟକୁରା,(ରବୀନ୍ଦ୍ର ନାଥ ବାରିକ):** ଗରଦପୁର ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନା ଲାଗି ମହିଳା ସମାବେଶର ଆୟୋଜନ ହୋଇଥିଲା। ବ୍ଲକର ୧୮ଟି ପଞ୍ଚାୟତରୁ ମହିଳାମାନେ ପ୍ରଧାନମନ୍ତ୍ରୀ ଯୋଜନାର ଶୁଭାରମ୍ଭ କଲାପରେ ଅନେକ ମହିଳାଙ୍କ ମୋବାଇଲକୁ ପ୍ରଥମ ସୁଭଦ୍ରା କିସ୍ତି ଟଙ୍କା ଆସିବା ମେସେଜ ଆସିଯିବାରୁ ସେମାନେ ବହୁତ ଖୁସି ହୋଇଥିଲେ। ସମାବେଶକୁ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଡା. ନିରଞ୍ଜନ କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ଆଳି,(ବନମାଳୀ ସେନାପତି):** ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଉପସ୍ଥିତ ଶତାଧିକ ମହିଳାମାନଙ୍କ ଆକାଉଣ୍ଟକୁ ଏହି ଅର୍ଥ ଆସିବା ପରେ ସେମାନେ ବେଶ ଖୁସିବ୍ୟକ୍ତ କରିଥିଲେ। ଏଥିସହ ଆଳି ବ୍ଲକର ୧୩ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବାବେଳେ ୨୦ଜଣ ହିତାଧିକାରୀ ଗୃହ ପ୍ରବେଶ କରିଥିଲେ। ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ଆଳି ବିଡିଓ ମିନତି ଜଗଦେବ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ସିଡିପିଓ କାନନବାଳା ପଣ୍ଡା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଭୀଷ୍ମ ମହାନ୍ତି ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ,(କଳ୍ପତରୁ ନାୟକ) :** ପଟ୍ଟାମୁଣ୍ଡାଇ ବ୍ଲକରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ସହ ସ୍ୱଚ୍ଛ ନିର୍ମଳ ପରିବେଶ ପାଇଁ ସ୍ୱଚ୍ଛତା ଶପଥ ନିଆଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲଠାରେ ବ୍ଲକ ଓ ପୌର ପ୍ରଶାସନ ପକ୍ଷରୁ ସମାବେଶ ଆୟୋଜନ କରାଯାଇଥିଲା। ବ୍ଲକ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ପଞ୍ଚାନନ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା। ସଭାରେ ସରପଞ୍ଚ, ସମିତି ସଭ୍ୟା ଓ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ଜରିମୂଳ ଦୁର୍ଗାପଡ଼ିଆଠାରେ ବ୍ଲକସ୍ତରୀୟ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ଅତିରିକ୍ତ ଉପଜିଲାପାଳ ଅଶୋକ କୁମାର ଦାସ, ବ୍ଲକ ସୁଭଦ୍ରା ଯୋଜନା ନୋଡାଲ ଅଫିସର ମନୋଜ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ତହସିଲଦାର ଅଜୟ କୁମାର ମହାନ୍ତି, ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ମିଶନଶକ୍ତିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

**ମହାକାଳପଡ଼ା,(ପ୍ରତାପ ଚନ୍ଦ୍ର ସ୍ୱାଇଁ):** ବ୍ଲକ ସନ୍ନିକଟ ମୋ ବସ୍‌ଷ୍ଟାଣ୍ଡ ପରିସରରେ ସୁଭଦ୍ରା ଯୋଜନାର ସଭା ହୋଇଥିଲା। ଏଥିରେ ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲିକ, ବିଡିଓ ସାଗର ରଞ୍ଜନ ନନ୍ଦ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଅତିରିକ୍ତ ତହସିଲଦାର ଶାନ୍ତିଲତା ହେମ୍ବ୍ରମ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳାଙ୍କ ସମେତ ବହୁସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରବେଶ ପାଇଁ ଚାବି ପ୍ରଦାନ କରାଯାଇଥିଲା। ତେବେ ସୁଭଦ୍ରା ଯୋଜନାରେ ୩ ମହିଳାଙ୍କ ନିକଟକୁ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ଆସିଥିବାରୁ ସେମାନେ ଖୁସିବ୍ୟକ୍ତି କରଥିଲେ।

**ରାଜକନିକା,(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ):** ରାଜକନିକା ବ୍ଲକରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ବ୍ଲକ ପ୍ରଶାସନ ପକ୍ଷରୁ ଆଥଲେଟିକ୍ ଆସୋସିଏଶନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଡିଓ ପୃଥ୍ୱୀରାଜ ପରିଡ଼ା ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ସମ୍ପୂର୍ଣ୍ଣ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଚାବି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ନିଯୁକ୍ତି ଅଧିକାରୀ ଘନଶ୍ୟାମ ଶାହ, ରାଜକନିକା ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀ, ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ପାଇଁ ମହିଳା ସମାବେଶ




ନୟାଗଡରେ ଆୟୋଜିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ମହିଳାମାନେ ।

ନୟାଗଡ଼,୧୭।୯(ଲୋକନାଥ ମିଶ୍ର):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଜନ୍ମ ଦିନରେ ଓଡ଼ିଶା ଆସି ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ପରେ ମହିଳାଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଯାଇଛି । ଏହି ଅବସରରେ ମଙ୍ଗଳବାର ନୟାଗଡ଼ ବ୍ଲକ, ନୟାଗଡ ପୌର ପାଳିକା ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ନୟାଗଡ଼ ଷ୍ଟାଡିୟମରେ ସୁଭଦ୍ରା ଯୋଜନାରେ ମହିଳା ସମାବେଶ ଅନୁଷ୍ଠିତ ହୋଇଛି । ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲା ପରିଷଦ ଚେୟାରମ୍ୟାନ୍ ଦେବାଶିଷ ପଟ୍ଟନାୟକ ଓ ନୟାଗଡ଼ ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇଙ୍କୁ କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା । ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ ନ ଥିବାରୁ ଉଭୟ ଲୋକ ପ୍ରତିନିଧି ଅନୁପସ୍ଥିତ ଥିବା ଯୋଗାଯୋଗ ପରେ ସୂଚନା ମିଳିଛି। ଅନ୍ୟପକ୍ଷେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସୁମନ କୁମାର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ନୟାଗଡ ସିଡିପିଓ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ସୁଭଦ୍ରା ଯୋଜନା ଉପରେ କେତେଜଣ ମହିଳା ସେମାନଙ୍କ କଥୋପକଥନରେ ସଚେତନ କରିଥିଲେ ।

**୨ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା କରିଛନ୍ତି ପଞ୍ଜୀକରଣ**

## ସୁଭଦ୍ରା ଯୋଜନାରେ ସ୍ୱାବଲମ୍ବୀ ହେବେ ମହିଳା

### ଜମା ଖାତାକୁ ଆସିଲା ୫ ହଜାର ଟଙ୍କା

ଓଡ଼ଗାଁ,୧୭।୯(ଆଦର୍ଶ କୁମାର ପଟ୍ଟନାୟକ ):

ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଓଡ଼ଗାଁ ରାମ ସାଗର ନିକଟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଦୁରଦର୍ଶନ ସିଧା ପ୍ରସାରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍‌ଘାଟନୀ ଉତ୍ସବକୁ ସାହସ୍ରାଧିକ ମହିଳା ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାଏକ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ଲହଡ଼ିମାଳା ପ୍ରଧାନ, ବ୍ଲକ୍ ଜୀବିକା ମିଶନ ସଂଯୋଜକ ଆରତୀ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଙ୍ଗନୱାଡି କର୍ମୀ ଗୀତାଭିନୟ ମାଧ୍ୟମରେ ସୁଭଦ୍ରା ଯୋଜନାର ଲକ୍ଷ୍ୟ ଉଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ରଣପୁରରେ ଉଦ୍‌ଘାଟିତ ହେଲା ସୁଭଦ୍ରା ଯୋଜନା



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ମହିଳାମାନେ ।

ରଣପୁର,୧୭।୯
(ସୁକାନ୍ତ କିଶୋର ଡାକୁଆ):

ମଙ୍ଗଳବାର ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଅବସରରେ ନୟାଗଡ଼ ଜିଲା ରଣପୁର ବ୍ଲକରେ ବିଡ଼ିଓ ସୁଧୀର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବ୍ଲକ ଅଧକ୍ଷା ନିର୍ମଳା ବେହେରା, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗିନ ମହାନ୍ତି, ଗୋପାଳପୁର ଜୋନ ଜିଲା ପରିଷଦ ଲକ୍ଷ୍ମୀପ୍ରିୟା ତରାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହିଳାମାନେ କିପରି ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ହୋଇପାରିବେ ତା' ଉପରେ ଅତିଥିମାନେ ପରାମର୍ଶ ଦେଇଥିଲେ । ମହିଳାମାନଙ୍କ ସାମଗ୍ରିକ ବିକାଶ ଏହି ଯୋଜନାର ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ଅବସରରେ ସ୍ୱଚ୍ଛାତା ହିଁ ସେବାକୁ ଗୁରୁତ୍ୱ ଦେବାକୁ ବିଡ଼ିଓ ନାୟକ କହିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଯୋଗ ଦେଇଥିଲେ ।

## ଖଣ୍ଡପଡ଼ା ବ୍ଲକ୍‌ରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ

ଖଣ୍ଡପଡ଼ା,୧୭।୯(ଅଜୟ କୁମାର ମହାରଣା):

ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବ୍ଲକ୍ ଅଧୀନ ୨୨ ପଞ୍ଚାୟତରୁ ୫ହଜାରରୁ ଉର୍ଦ୍ଧ୍ୱ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ୍ ଅଧକ୍ଷା ଉପମା ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଏହି ଯୋଜନାର ସଫଳତା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ । ଏଥିରେ ଖଣ୍ଡପଡ଼ା ବ୍ଲକ୍ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ବ୍ଲକ୍ ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଶୁଭାରମ୍ଭ ସମ୍ପର୍କୀତ କାର୍ଯ୍ୟକ୍ରମକୁ ଏଲଇଡି ସ୍କ୍ରୀନ ଜରିଆରେ ପ୍ରଦର୍ଶିତ କରାଯାଇଥିଲା । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ।



ଖଣ୍ଡପଡା ସୁଭଦ୍ରା ଯୋଜନାର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

## ପୁରାତନ କୂପର ପୁନରୁଦ୍ଧାର ଦାବି

ଖଣ୍ଡପଡ଼ା, ୧୭।୯(ଅଜୟ କୁମାର ମହାରଣା)

ଗ୍ରାମାଞ୍ଚଳ ଲୋକମାନେ ଦୀର୍ଘ ବର୍ଷ ହେଲା ଗ୍ରାମରେ ଥିବା କୂପର ପାଣିକୁ ପ୍ରତ୍ୟେହ ବ୍ୟବହାର କରୁଥିଲେ । ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ପ୍ରତି ସ୍ଥାନୀୟ ପଞ୍ଚାୟତ କିମ୍ୱା ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସେହି କୂପଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଏ ପରିପ୍ରେକ୍ଷୀରେ ମହାନଦୀ ପାର୍ଶ୍ୱବର୍ତ୍ତୀ ରତନପୁର ଗ୍ରାମବାସୀ ସେମାନଙ୍କ ଆବଶ୍ୟକତା ପୂରଣ ପାଇଁ ଗ୍ରାମରେ ଥିବା ଏକ ପୁରାତନ କୂପର ପାଣି ବ୍ୟବହାର କରୁଛନ୍ତି । ଖଣ୍ଡପଡ଼ା ବ୍ଲକର ବଡବାଣପୁର ପଞ୍ଚାୟତ ଅଧୀନ ରତନପୁର ଗ୍ରାମରେ ଥିବା ପୁରାତନ କୂପର ପୁନରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ କୂପର ପାଣିକୁ ସ୍ଥାନୀୟ ବାସିନ୍ଦା ବ୍ୟବହାର କରି ଆସୁଛନ୍ତି । କୂପରୁ ପଙ୍କ ଉଦ୍ଧାର ସହ କୂପର ଚତୁଃପାର୍ଶ୍ୱରୁ ଅନାବନା ଗଛ ଲତା ସଫା କରି, କୂପର ଚାନ୍ଦିନୀ ମରାମତି କରିବା ଦିଗରେ ବଡବାଣପୁର ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ବର୍ଷ ତମାମ ଗ୍ରାମବାସୀ ଉକ୍ତ କୂପର ପାଣିକୁ ବ୍ୟବହାର କରୁଛନ୍ତି । କେତେଜଣ ବ୍ୟକ୍ତି ବିଦ୍ୟୁତ ଚାଳିତ ପମ୍ପ ସହାୟତାରେ କୂପର ପାଣିକୁ ପାଇପ୍ ଯୋଗେ ବାସଗୃହକୁ ନେଉଛନ୍ତି । ବହୁ ବର୍ଷ ଧରି ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ କୂପର ଚାନ୍ଦିନୀ ସାରା ଫାଟ ସୃଷ୍ଟି ହୋଇଛି । କୂପର ପୁନରୁଦ୍ଧାର ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ରତନପୁର ଗ୍ରାମବାସୀ ଦାବି କରିଛନ୍ତି ।

## ଗଣିଆ ବ୍ଲକ୍‌ରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ



ଗଣିଆ,୧୭।୯
(ସନ୍ତୋଷ କୁମାର ପ୍ରଧାନ):

ମହିଳାମାନଙ୍କୁ ସ୍ୱାବଲମ୍ବୀ ତଥା ସ୍ୱରୋଜଗାରକ୍ଷମ କରିବା ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଣୟନ କରିଛନ୍ତି । ମଙ୍ଗଳବାର ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଭର୍ଚୁଆଲ ମାଧ୍ୟମରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି । ବିଡ଼ିଓ ମଞ୍ଜରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିଆ ତହସିଲଦାର ପ୍ରୀତିବାଳ ରଣା, ଏବିଡ଼ିଓ ରତନଲାଲ ଲୋହରା, ସିଡିପିଓ ଉଷାରଣୀ ସାହୁ ଓ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଶରତ କରଙ୍କ ସମେତ ବ୍ଲକର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ ଓ ଜଳ ଜୀବନ ମିଶନ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ଉପଢ଼ୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତସ୍ତରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀ ପରାମର୍ଶ ଦେଇଥିଲେ ।

## ଗାଡ଼ି ଚାଳକଙ୍କ ଶୋଭାଯାତ୍ରା




ଜି.ଉଦୟଗିରି,୧୭।୯(ଶିଶିର ପଟ୍ଟନାୟକ)

ଗାଡି ଚାଳକଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସେପ୍ଟେମ୍ବର ୧୭ ତାରିଖକୁ ଚାଳକ ଦିବସ ଭାବେ ପାଳନ କରାଯାଉଛି। ମଙ୍ଗଳବାର ଓଡିଶା ମୋଟର ଚାଳକ ସଂଘ ଜି.ଉଦୟଗିରି ଶାଖା ତରଫରୁ ଚାଳକ ଦିବସ ପାଳିତ ହୋଇଯାଇଛି। ଜି.ଉଦୟଗିରି ଶାଖା ତରଫରୁ ଚାଳକମାନେ ଶୋଭାଯାତ୍ରାରେ ବାହାରି ସଡକ ସୁରକ୍ଷା ସଚେତନ ବାର୍ତ୍ତା ଦେବା ସହିତ ସହର ପରିକ୍ରମା କରିଥିଲେ। ଓଡିଶା ମୋଟର ଚାଳକ ସଂଘ ଜି.ଉଦୟଗିରି ଶାଖା ତରଫରୁ ସଭାପତି ପରମାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଂପାଦକ ବିକାଶ ନାୟକ, କୋଷାଧ୍ୟକ୍ଷ ସିଂହାସନ ପ୍ରଧାନ, ଅଲ୍ଲି ପ୍ରଧାନଙ୍କ ସମେତ ବହୁ ସଭ୍ଯ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ମୁଣ୍ଡିଆ ହନୁମାନ ପୀଠରେ ଅଖଣ୍ଡ ହନୁମାନ ଚାଳିଶା

ଖଣ୍ଡପଡ଼ା,୧୭।୯(ଅଜୟ କୁମାର ମହାରଣା)




ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁରସ୍ଥିତ ମୁଣ୍ଡିଆ ହନୁମାନ ମୁକ୍ତିକ୍ଷେତ୍ରଠାରେ ମୁଣ୍ଡିଆ ହନୁମାନ ସାଂସ୍କୃତିକ ପରିଷଦ ଓ ହନୁମାନ ଚାଳିଶା ମଣ୍ଡଳୀ ପକ୍ଷରୁ ବାର୍ଷିକ ଅଖଣ୍ଡ ହନୁମାନ ଚାଳିଶା ଓ ଘୃତଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସକାଳ ପ୍ରାୟ ୬ଟା ସମୟରେ କଳସ ସ୍ଥାପନ ସହିତ ସୂର୍ଯ୍ୟ ନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା । ପରେ ଅଖଣ୍ଡ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଘୃତଯଜ୍ଞ ସାଙ୍ଗକୁ ମର୍ଦ୍ଦରାଜପୁର, ନୀଳକଣ୍ଠପ୍ରସାଦ, ସେରେଜେଙ୍ଗ, ବେଣାଗାଡ଼ିଆ, ମାଶପୁର ଓ ମିଟୁଅଣି(ବାରବାଟୀ) ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଭଗବାନଙ୍କ ନାମ ଜପ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା । ଅପରାହ୍ନ ପ୍ରାୟ ସାଢେ ୫ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା ।

## ରେଡିଓଗ୍ରାଫର ସେବା ସଂଘ କାର୍ଯ୍ୟକାରିଣୀ ବୈଠକ




କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟମାନେ।

ବ୍ରହ୍ମପୁର,୧୭।୯(ସୁବାସ ଚନ୍ଦ୍ର ପାଢ଼ୀ) ଅଲ ଓଡ଼ିଶା ରେଡିଓଗ୍ରାଫର ସେବା ସଂଘ ୪ର୍ଥ କାର୍ଯ୍ୟକାରିଣୀ ବୈଠକ ଏମକେସିଜି ମେଡିକାଲ ରେଡିଓଲୋଜି ବିଭାଗ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସୁବାଷଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲାର ପ୍ରତିନିଧି ଯୋଗଦେଇ ନଭେମ୍ବର ୨୩ ଓ ୨୪ରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ ସଂଘର ବିଭିନ୍ନ ଦାବି ଓ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ରେଡିଓଗ୍ରାଫରଙ୍କ ମୂଳ ଦରମା ଧାର୍ଯ୍ୟ କରିବା, ବିଏମଆରଟି ପାଠ୍ୟକ୍ରମ ପ୍ରଚଳନ କରିବା, ଡିଏମଆରଟି ପଞ୍ଜିକରଣ ସମୟରେ ରେଡିଓଗ୍ରାଫର ସେବା ସଂଘର ଅନୁମୋଦନକୁ ବାଧ୍ୟତାମୂଳକ କରିବା, ସଂଘ କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱରରେ ଏକ ବାସଗୃହ ଯୋଗାଇବା ଆଦି ଦାବି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ ସମ୍ମିଳନୀ ଆୟୋଜନ ଦାୟିତ୍ୱ ଏମକେସସିଜର ବରିଷ୍ଠ ରେଡିଓଗ୍ରାଫର ଗଣେଶ ଶବର ଓ ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ରେଡିଓଗ୍ରାଫର ନିର୍ମଳ କୁମାର ମୋହିନୀଙ୍କୁ ଦିଆଯାଇଥିଲ। ରେଡିଓଗ୍ରାଫର ସୁରେଶ ପଣ୍ଡା, ନିଳକଣ୍ଠ ପ୍ରଧାନ, ବେଦବ୍ରତ ନାୟକ, ଜିନିୟସ ପରିଡା, ଆୟୁଷ ପଣ୍ଡା, ଭଜରାମ ପ୍ରଧାନ, ମନୋଜ ବେହେରା, ସୋମନାଥ ପରାଡ, ଦୀନବନ୍ଧୁ ଦାସ, ଅଜିତ ସାମନ୍ତରାୟ, ଅରୁଣ ପ୍ରଧାନ, ଶିବରାମ ପ୍ରଧାନ, କଲ୍ୟାଣୀ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

## ଟ୍ରକ୍ ଚୋରି ଘଟଣାରେ ଜଣେ ଗିରଫ

ଗୋପାଳପୁର,୧୭।୯
(ନବୀନ ରାଜ ଆଚାରୀ)

ହଳଦିଆପଦର ଗ୍ରାମ ନିକଟରେ ପାର୍କିଂ ହୋଇଥିବା ଏକ ଟ୍ରକ ଶନିବାର ରାତିରେ ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଟ୍ରକକୁ ଠାବ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦାସ୍ଥିତ ମାଷ୍ଟର କଲୋନୀର ଗୋବିନ୍ଦ ଚନ୍ଦ୍ର ରାଉତ। ବ୍ରହ୍ମପୁର ଜ୍ୟୋତି ନଗର ଅଞ୍ଚଳର ସୁଜିତ ତ୍ରିପାଠୀ ନିଜ ଟ୍ରକ (ନଂ. ଓଡି୦୭ ଜେଡ -୩୦୭୦)କୁ ଶନିବାର ସନ୍ଧ୍ୟାରେ ହଳଦିଆପଦର ନିକଟରେ ପାର୍କିଂ କରି ଘରକୁ ଯାଇଥିଲେ। ପରଦିନ ଆସି ଦେଖିବା ବେଳକୁ ଉକ୍ତ ସ୍ଥାନରେ ଟ୍ରକ ନ ଥିଲା। ଟ୍ରକଟି ଚୋରି ହୋଇଯାଇଥିବା ନେଇ ସୁଜିତ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ନଂ. ୩୬୮/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ଟ୍ରକଟି ଗୋରାପଲ୍ଲୀ ଟୋଲ ଗେଟ୍ ନିକଟରେ ଥିବା ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏସଆଇ ଗଗନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଜଙ୍କିଆ ଥାନା ଅଧୀନ ଗୋଡିପଡା ଗ୍ରାମ ନିକଟରେ ଟ୍ରକକୁ ଠାବ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

## କୁଜାସିଂରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି ଚାଲିଛି।

ପାରଳାଖେମୁଣ୍ଡି,୧୭।୯
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି, ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା ଉପସ୍ଥିତ ରହି କୁଜାସିଂ ସମେତ ନମନଗଡ, ଜୀବା ଓ ଖାମୀ ପଞ୍ଚାୟତର ମୋଟ ୧୬୦ଟି ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଥି ମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୦୫ଟି, ଗ୍ରାମ ଭିତ୍ତିକ ସମସ୍ୟା ୫୫ଟି ରହିଥିଲା। ୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ପୂର୍ତ୍ତ ବିଭାଗ ରାସ୍ତାକାମ ତଦାରଖ କଲେ ବିଧାୟକ

ଛତ୍ରପୁର, ୧୭।୯(ସନ୍ତୋଷ ପାଢ଼ୀ):

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଙ୍ଗଳବାର ପାଲୁରୁ ଜଙ୍କ୍ସନଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ରାସ୍ତା କାମ ବୁଲି ଦେଖିଥିଲେ। ହୋଇଥିବା କାର୍ଯ୍ୟର ତଦାରଖ କରିବା ସହ ସେ ଏହାର ମାନ ପରୀକ୍ଷା କରିଥିଲେ। ଏହି ସମୟରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇଥିବା ବିଧାୟକ ଦେଖିବାକୁ ପାଇଥିଲେ। ନିର୍ମାଣରେ ପିଚୁର ମାତ୍ରା କମ୍ ଥିବାବେଳେ ଅଧିକାଂଶ ଜାଗାରେ ଥିକନେସ ଠିକ୍ ନାହିଁ। ରାସ୍ତା ପାର୍ଶ୍ୱରେ ଥିବା ଜମିରୁ ମାଟି ଆଣି ପକାଯାଇଛି। ଏଥିରେ ବିଧାୟକ ନାୟକ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରି ଏ ସମ୍ପର୍କରେ ଜଣାଇବା ସହ ତାଗିଦ୍ କରିଥିଲେ । ଏହି ରାସ୍ତା ପୁରୀ ଜିଲାକୁ ସଂଯୋଗ କରୁଥିବା ବେଳେ ରାସ୍ତା ଦେଇ ପ୍ରତ୍ୟହ ବହୁ ସଂଖ୍ୟାରେ ଗାଡି ମୋଟର ପୁରୀ ଅଭିମୁଖେ ଯାଇଥାଏ।

## ସରକାରଙ୍କ ଯୋଜନା, ସଫଳତା ବଖାଣିବ ବିକାଶମେଳା

**ଛତ୍ରପୁରରେ ୨୦ରୁ ଆରମ୍ଭ, ଖୋଲିବ ୨୫ ଷ୍ଟଲ**

ଛତ୍ରପୁର, ୧୭।୯(ସନ୍ତୋଷ ପାଢ଼ୀ )

ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁରଠାରେ ୨୦ ତାରିଖରୁ ତିନିଦିନ ଧରି ବିକାଶ ମେଳା ହେବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ଅଭାସୀ ମାଧ୍ୟମରେ ହୋଇଥିବା ଉକ୍ତ ବୈଠକକୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳ ପଦକ୍ଷେପ ଏବଂ ପ୍ରଣୀତ ଯୋଜନାଗୁଡିକର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ, ବହୁବିଧ କଲ୍ୟାଣକାରୀ ଦିଗଗୁଡିକ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଆୟୋଜିତ ମେଳାର ଉଦ୍ଦେଶ୍ୟ । ଓର୍‌ମାସ ଏହି ମେଳାକୁ ପରିଚାଳନା କରିବ। ଛତ୍ରପୁର ଷ୍ଟାଡିୟମଠାରେ ଆସନ୍ତା ୨୦ରୁ ୨୨ ପର୍ଯ୍ୟନ୍ତ ମେଳା ଚାଲିବ। ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହାକୁ ଉଦ୍‌ଘାଟନ କରିବେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରୂପରେଖ ଉପସ୍ଥାପନ କରିଥିଲେ। ମେଳାରେ ଜିଲାର ସମସ୍ତ ବ୍ଲକର ଲୋକକଳାର ଫଟୋ ଏବଂ ଭିଡିଓ, ଜିଲାର ଉନ୍ନୟନମୂଳକ କାର୍ଯ୍ୟର ଫଟୋ ଲାଗିବ। କୃଷି ବିଭାଗ, ପର୍ଯ୍ୟଟନ ବିଭାଗ, ମିଶନ ଶକ୍ତି ବିଭାଗ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ ପ୍ରଦର୍ଶନ କରିବେ। ବିକାଶ ମେଳାରେ ୨୫ଟି ଷ୍ଟଲ ହେବ। ମେଳାରେ ଅଂଶ ଗ୍ରହଣକାରୀଙ୍କ ଯାତାୟାତ ଓ ସୁରକ୍ଷିତ ରହଣି ବ୍ୟବସ୍ଥା, ଅଗ୍ନି ନିର୍ବାପକ, ଆଇନ ଶୃଙ୍ଖଳା, ପରିମଳ ଆଶୁ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତ୍ୟହ ଲୋକକଳା ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଜିଲା ସଂସ୍କୃତି ବିଭାଗ ଦ୍ୱାରା ପରିବେଷଣ କରାଯିବ। ମେଳାର ଚାହିଦା ଅନୁସାରେ ଆବଶ୍ୟକ ପଡିଲେ ପଞ୍ଚାୟତିରାଜ ବିଭାଗ, ଜିଲା ପ୍ରଶାସନ ସହ ଆଲୋଚନା କରି ଏହାର ଅବଧି ବୃଦ୍ଧି କରାଯିବ ।

ବୈଠକରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ପଟେଲ, ଓରମାସ୍‌ର ସତ୍ୟସୁନ୍ଦର ଶିବରାମ ପାଇଟାଲ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ, ଜିଲା ମଙ୍ଗଳ ଅଧିକାରୀ ସୁରେଶ ଚନ୍ଦ୍ର ଜିତ୍‌ବାବୁ, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗୋପାଳପୁରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ

ଗୋପାଳପୁର,୧୭।୯
(ନବୀନ ରାଜ ଆଚାରୀ)

ଗୋପାଳପୁର ଏନଏସିରେ ମଙ୍ଗଳବାର ସ୍ୱଛତା ହିଁ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଏନଏସି ଅଧ୍ୟକ୍ଷ ଏ. ଜାନକୀରାମ, ସମ୍ମାନିତ ଅତିଥି ରୂପେ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ଉପାଧ୍ୟକ୍ଷ ବି. ଉମା ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିମାନେ ସମୁଦ୍ର ବେଳାଭୂମିରେ ଚାରାରୋପଣ କରିଥିଲେ । ସଫେଇ କରିବା ସହ ଏକ ସଚେତନ ଶୋଭାଯାତ୍ରା କରିଥିଲେ । ଗୋପାଳପୁର ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହି ଦୃଷ୍ଟିରୁ ଅଞ୍ଚଳକୁ ସଫା ସୁତାର ରଖିବା ପାଇଁ ନିର୍ବାହୀ ଅଧିକାରୀ ମଲ୍ଲିକ ପରାମର୍ଶ ଦେଇଥିଲେ । ଏଥିପାଇଁ ସମସ୍ତେ ଶପଥ ପାଠ କରିଥିଲେ । ଆଜିଠାରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ସ୍ୱଛତା ହିଁ ସେବା କାର୍ଯ୍ୟକ୍ରମ ଜାରି ରହିବ। ଏହି ଅବସରରେ କାଉନସିଲର, ଏନଏସି କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

